# ତୋଫାନ୍ ଓ ତରଙ୍ଗ

ଖଣ୍ଡ ରହସ୍ୟ ଉପନ୍ୟାସ

ଲେଖିଚନ୍ତି:—ଜଗଦୀଶ ପ୍ରସାଦ ମହାନ୍ତି

## ଗୁପ୍ତଚର କାର୍ଯ୍ୟାଳୟ

ବ୍ରହ୍ମପୁର (ଗଞ୍ଜାମ)

ପ୍ରକାଶ ପାଉଚି—

ଓଡ଼ିଶା ରଙ୍ଗମଞ୍ଚର କୁଶଳୀ କଳାକାର

ଶ୍ରୀ ଦୁଃଖିରାମ ସ୍ୱାଇଁଙ୍କର

# "ଆମ ନାଟ୍ୟକଳା" ? ? ?

# ଏକ

ଉ ...ହୁ...... ଉଃ...

ନାରୀ କଣ୍ଠର ସକରୁଣ ଆର୍ତ୍ତି ଚୀତ୍କାର...... ଶେଷ ସର୍ବରୀର ବାୟୁ ମଣ୍ଡଳକୁ ସ୍ପନ୍ଦିତ କରି ପୁଣି ଥରେ ଭାସି ଆସିଲା ସେଇ ବ୍ୟଥାତୁର କରୁଣ ଚିତ୍କାର... ।



ରମେଶ ଅଧୁରି ଥରେ କାନ ଡେରିଲା... ପୁରୀ ହୋଟେଲର ଦୋମହଲା ଝରକା ଭିତରୁ ଅସ୍ପଷ୍ଟ ଭାବରେ ଦେଖା ଯାଉଛି ନୀଳ ସମୁଦ୍ରର ଢେଉଅ ପରସୀମ । ଦମକାଏ କାଲୁଆ ପବନ ପଶିଆସିଲା ଘର ଭିତରକୁ । ଶିହରି ଉଠିଲା ରମେଶ । ଏଇ ପବନ ଭିତରେ ଯେମିତି କେଉଁ ଅସହାୟ ନାରୀର କରୁଣ ଆବେଦନ ମିଶି ରହିଚି ।

କଲିକତାର ବିଖ୍ୟାତ ଡିଟେକ୍‌ଟିଭ ରମେଶଙ୍କୁ ବାଧ୍ୟ ହୋଇ ଅବସର ନେବାକୁ ପଡ଼ିଚି ଡିସ୍‌ପେପ୍‌ସିଆ ରୋଗ ପାଇଁ । ଡାକ୍ତର ଓ ବନ୍ଧୁବାନ୍ଧବଙ୍କ ତାଡ଼ନାରେ ତାଙ୍କୁ ଜଳବାୟୁ ପରିବର୍ତ୍ତନ ପାଇଁ ଏଠାକୁ ଆସିବାକୁ ପଡ଼ିଚି । ସାଙ୍ଗରେ ଆସିଚି ତାର ସ୍ତ୍ରୀ ସାଧନା କୋଠରି ଭିତରେ ମୃଦୁ ନୀଳ ଆଲୋକ ତଳେ ସାଧନା ବେଶ ଆରାମରେ ଶୋଇଚି । ରମେଶର କିନ୍ତୁ ନିଦ ହୋଇନି । ଡିସ୍‌ପେପ୍‌ସିଆ ରୋଗ ସଙ୍ଗକୁ ଇନ୍‌ସୋମନିଆ ବା ଅନିଦ୍ରା ରୋଗ ଦେଖା ଦେଇଚି ।

କୃଷ୍ଣପକ୍ଷର ଚିକ୍‌କଣ କଳା ରାତି··· ରମେଶ ଝରକା ପାଖରେ ପୁଣି ଥରେ ଚଞ୍ଚଳ ସମୁଦ୍ରର ପ୍ରଶାନ୍ତ ବ୍ୟାପ୍ତିକୁ··· ମନରେ ତାର ଉଦ୍‌ବେଗ ଓ ଉତ୍କଣ୍ଠା ଜମି ଉଠିଚି । କେତେ ମିନିଟ୍ ତଳର ନାରୀ କଣ୍ଠର ସେ କରୁଣ ମର୍ମନ୍ତୁଦ କେଉଁ ଦିଗନ୍ତହୀନ ନିସ୍ତବ୍ଧତା ଭିତରେ ମିଳେଇ ଯାଇଚି ।

ଝରକାର ପରଦାକୁ ଟାଣିଦେଇ ରମେଶ ପୁଣି ଥରେ ଶୋଇବାର ଆୟୋଜନ କଲା ।

ରମେଶ ଓ ସାଧନା ପହଞ୍ଚିବା ଆଗରୁ ସ୍ୱର୍ଗଦ୍ୱାରର ଟିକିଏ ଦୂରରେ ସମୁଦ୍ରକୂଳେ ବେଶ୍ ଭିଡ଼ ଜମିଯାଇଚି । ରାତି ପାହିବାର କେଇ ଘଣ୍ଟା ଭିତରେ ସହର ସାରା ଚାଞ୍ଚଲ୍ୟ ଖେଳିଯାଇଚି । ସକାଳର ନିତ୍ୟକର୍ମ ଶେଷ କରି ହୋଟେଲର ତଳ ମହଲକୁ ଓହ୍ଲାଇବା ଭିତରେ ରମେଶ ଚାକର ବାକରଙ୍କଠୁଁ ଶୁଣିସାରିଲାଣି କିଏ ଜଣେ

ସମୁଦ୍ର କୂଳେ ଆତ୍ମହତ୍ୟା କରିଛି । ଏତେବାଟ ଚାଲିଆସିବା ଭିତରେ ଗୋଟାଏ ଗଭୀର ଅସ୍ୱସ୍ତିରେ ରମେଶର ମନ ଭାରାକ୍ରାନ୍ତ ହୋଇ ଉଠିଛି... କାଲି ସଞ୍ଜର ଘଟଣା ଟେଇଁ ଉଠିଛି ତା' ମନରେ ... ସାଧନାକୁ ଦୂରରେ ଅପେକ୍ଷା କରିବାକୁ କହି ଭିଡ଼ ଠେଲି ଭିତରକୁ ପଶିଲା ରମେଶ ।

ଧୂସର ବାଲିର କଅଁଳ ସେଜ ଉପରେ ପଡ଼ି ରହିଛି ଯେଉଁ ଯୁବତୀଟି ସେ କେବଳ ସୁନ୍ଦରୀ ନୁହେଁ, ଅପୂର୍ବ ରୂପସୀ ମଧ୍ୟ । ଦେହର ପ୍ରସାଧନ ଓ ପରିପାଟୀ ଏବେ ବି ସତେଜ ରହିଛି । ପରିପୂର୍ଣ୍ଣ ସୌଷ୍ଠବ ଓ ଲାବଣ୍ୟ ପ୍ରତ୍ୟେକ ଅଙ୍ଗରୁ ଯେପରି ଝଲସି ପଡ଼ୁଛି... ଦେହର ଚମ୍ପା ଗୋରା ରଙ୍ଗ, ଗାଲ ଉପରର ଗୋଲାପୀ ଆଭା, ଏପରିକି କପାଳ ଉପରର ଯତ୍ନରେ ଲଗା ହୋଇଥିବା କୁଙ୍କୁମର ବଙ୍କିମ ଚନ୍ଦ୍ର, ଏ ପର୍ଯ୍ୟନ୍ତ ବି ରୂପ ରସରେ ଭରି ରହିଛି... ଟିକିଏ ହେଲେ ମଉଳି ନାହିଁ । ଗଭୀର କ୍ଳାନ୍ତିରେ ଯେମିତି କେଉଁ ରୂପର ରାଜକୁମାରୀ ପ୍ରକୃତିର ଏଇ ବିରାଟ ରଙ୍ଗଶାଳା ଭିତରେ ଘଣ୍ଟାଏ କେତୁଟା ପାଇଁ ବିଶ୍ରାମ ନେଉଛି... ମରିନାହିଁ ସେ... ଏବେ ବି ଯେପରି ତାର କମନୀୟ ଅଙ୍ଗ ସୌଷ୍ଠବ ତଳେ ପ୍ରଚୁର ଜୀବନୀ ଶକ୍ତି ଭରି ରହିଛି ।

ଦର୍ଶକଙ୍କ ଭିଡ଼ ବେଳକୁବେଳ ଜମି ଉଠୁଛି । ସେମାନଙ୍କ ଭିତରେ ପୋଲିସର ଉଚ୍ଚ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅନେକ କନେଷ୍ଟବଲ ପର୍ଯ୍ୟନ୍ତ ଘେରି ରହିଛନ୍ତି । ଭାଗ୍ୟହୀନା ଏଇ ମୃତ ଯୁବତୀ ପାଇଁ ସମସ୍ତଙ୍କ ମନ ଭିତରେ ସମବେଦନା ଜାଗି ଉଠିଛି । ଏପରି ମୃତ୍ୟୁର କାରଣ କଳ୍ପନା କରିବାକୁ ଯାଇ ଜମିଥିବା ଲୋକଙ୍କ ଭିତରେ ନାନାପ୍ରକାର କଥା ହେଉଛି... । ଅନେକଙ୍କର ପ୍ରବଳ

ଇଚ୍ଛା ହେଉଛି ପୋଲିସ କର୍ଡନ ଟପି ଥରେ ଆଖି ପୂରାଇ ଏଇ ସୁନ୍ଦରୀ ଯୁବତୀର ଲୋଭନୀୟ ଦେହଟିକୁ ଦେଖିବାକୁ, ଫଳରେ ଜନତାର ଠେଲା ଠେଲି ଓ ଗପ ଗୁଜବରେ ଘରପାଖର ଆବହାୱା ବେଶ୍ ସରଗରମ ହୋଇ ଉଠିଛି ।

ଏହା ଭିତରେ ପୋଲିସ କର୍ମଚାରୀମାନେ ସେମାନଙ୍କର କାମ ଆରମ୍ଭ କରିଛନ୍ତି । ସେମାନଙ୍କର ବଦ୍ଧ ଧାରଣା ହୋଇଛି ଏଇଟା ନିଛକ ଆତ୍ମହତ୍ୟା··· ଅତ ସେମାନଙ୍କର କେବଳ କାନୁନ୍ ଅନୁସାରେ ଶବଟିକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦବାର ଯାହା ବାକିଛି । ଟାଉନ୍ ଇନସ୍ପେକ୍ଟର ମହେଶ ସେଠିକାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦେଇ ଓ ଜମିଥିବା ଲୋକଙ୍କୁ ଫେରିଯିବାପାଇଁ ଅନୁରୋଧ କରି ବାହାରି ପଡ଼ିଲା ।

— ଟିକିଏ ଶୁଣିବେ ସାର୍

ପଛକୁ ଫେରି ଚାହିଁଲା ମହେଶ···

— ମୋର ଆପଣଙ୍କୁ କିଛି କହିବାର ଅଛି ।

ମହେଶ ଆଗକୁ ଚାଲୁ ଚାଲୁ ବେପରୁଆ ଭାବରେ କହିଲା— ଥାନାକୁ ଆସନ୍ତୁ ।

— ନାଁ ସାର୍··· ଏଇ କେସ୍ ଟା ବିଷୟରେ ଆପଣ ଏଠୁ ଚାଲିଯିବା ଆଗରୁ ମୋର କିଛି କହିବାର ଅଛି ।

ମହେଶ ସାଙ୍ଗେ ସାଙ୍ଗେ ରୋକିଗଲା । ଆଗନ୍ତୁକ ଭଦ୍ରଲୋକଙ୍କୁ ଥରେ ଭଲକରି ଦେଖିନେଇ ପଚାରିଲା— ମାନେ, ଏଇ ଯୁବତୀର ଆତ୍ମହତ୍ୟା ସମ୍ବନ୍ଧରେ ?

ରମେଶ ଦୃଢ଼ କଣ୍ଠରେ କହିଲା—ହଁ; କିନ୍ତୁ ମୋର ମନେହୁଏ ଏଇଟା ଆତ୍ମହତ୍ୟା ନୁହେଁ ।

କୁଟିଳ ଦୃଷ୍ଟିରେ ମହେଶ ଅଗନ୍ତୁକଙ୍କୁ ଚାହିଁ ଗମ୍ଭୀର ଭାବରେ କହିଲା—ଆପଣଙ୍କର ମନେହୁଏ ଏଇଟା ଆତ୍ମହତ୍ୟା ନୁହେଁ, ନା ? ତା'ପରେ ଗୋଟାଏ ତାଚ୍ଛଲ୍ୟର ହସ ହସି ଆରମ୍ଭ କଲା ମହେଶ—ଅନ୍ଧକାର ସମାଜରେ ସବୁ ସମ୍ଭବ···କୁଆଁରୀ ଝିଅର ମା ହେବାଠାରୁ ଆରମ୍ଭ କରି, ପ୍ରେମିକା ପତ୍ନୀର ପ୍ରଂଶ୍ଳେଷନ୍ ପର୍ଯ୍ୟନ୍ତ ସବୁଟା ସତ୍ୟ । ଆପଣ ବୋଧହୁଏ ଭାବୁଛନ୍ତି ଏଇ ସ୍ନାପଣ୍ଡ ପର କଅଳ ଯୁବତୀଟିର ଆତ୍ମହତ୍ୟା କରିବା ପଛରେ କୌଣସି ପ୍ରକାର ସଙ୍ଗତ ନାହିଁ, ଯୁକ୍ତି ଯୁକ୍ତତା ନାହିଁ···

—ଏମିତି ଭାବରେ କଥାଟାକୁ ହାଲୁକା ଭାବରେ ହସି ଉଡ଼େଇ ଦେଲେ ହେବ ନାହିଁ ସାର୍ । ଆପଣ ଘଟଣାଟାର ବିଶ୍ଳେଷଣ କରି ପ୍ରକୃତ ରହସ୍ୟ ଅନୁସନ୍ଧାନ କରନ୍ତୁ । ପୋଲିସର କାମ ଜନତାର ଧନ ଜୀବନ ରକ୍ଷା କରିବା ଏବଂ ସବୁପ୍ରକାରର ଅତ୍ୟାଚାରକୁ ନିର୍ମୂଳ କରିବା ।

ମହେଶର ପୋଲିସ ମର୍ଯ୍ୟାଦା ଉପରେ ଆଞ୍ଚ ଆସିଲା ଯେପରି । ସେ କହି ଉଠିଲା—ମାନେ ! ଆପଣ ମତେ ଶିକ୍ଷା ଦେବାକୁ ଚାହୁଁଛନ୍ତି ? କାଲି ହୁଏତ ଏଇ ଘଟଣା ଉପରେ ଖବର କାଗଜରେ ଆପଣ ପୋଲିସ କର୍ମଚାରୀଙ୍କ ଔଦାସୀନ୍ୟ ଓ ଅପାରଗତା ବିଷୟରେ ବି ସ୍ତମ୍ଭ ଲେଖି ବାହାଦୁରୀ ନେବେ ନା ? ତେବେ ଆପଣ କଣ କେଉଁ ଖବର କାଗଜର ପ୍ରତିନିଧି ?

ନିର୍ବିକାର ଭାବରେ ମହେଶର ବକ୍ରୋକ୍ତିର ଉତ୍ତର ଦେବାକୁ ଯାଇ ରମେଶ କହିଲା— ନାଁ ସାର୍ । ମୁଁ ଜଣେ ଭାରତ ବର୍ଷର ସାମାନ୍ୟ ନାଗରିକ ।

—ଓଃ ବେଶ୍... ଚାହିଁଣ ଭାବରେ ଗୁହ୍ଲାଇଲ ମହେଶ । ତାପରେ ଚଡ଼ା ଗଳାରେ କହିଲା— କ୍ଷମା କରିବେ, ମୋର ସନ୍ଦେହ ହେଉଛି ଆପଣ ଏ ବ୍ୟାପାରଟାରେ ନିଶ୍ଚୟ ଜଡ଼ିତ ଅଛନ୍ତି ।

— ବିଶେଷ ଜଡ଼ିତ ନ ଥିଲେ ବି ମୋର ଯେ ଏ ବିଷୟରେ କିଛି କହିବାର ଅଛି ତା ଆପଣ ବେଶ୍ ବୁଝି ପାରୁଥିବେ । କାଲି ପ୍ରାୟ ଭୋର ସାଡ଼େ... ବେଳ ପ୍ରାୟ ୭ଟା ପାଖାପାଖି... ପୁରୀ ହୋଟେଲର ଉପର ବଖରାରୁ...

—ଟିକିଏ ଅପେକ୍ଷା କରନ୍ତୁ", ମହେଶ ପକେଟରୁ ଡାଏରୀ ବାହାର କରି ଲେଖିବା ଆଗରୁ ପଚାରିଲା—ଆପଣଙ୍କର ପରିଚୟ ?

ରମେଶ ଗମ୍ଭୀର ଭାବରେ କହିବାକୁ ଆରମ୍ଭ କଲା— ମୋ ନାଁ ରମେଶ ରଞ୍ଜନ ସରକାର ।

ମହେଶ ଢେପ ଢୋକି ପଚାରିଲା—ଆପଣ କଲିକତାର ପ୍ରଖ୍ୟାତ ପ୍ରାଇଭେଟ୍ ଡିଟେକ୍ଟିଭ ଆର୍, ସରକାର ନୁହନ୍ତି ତ ?

ଟିକିଏ ହସି ରମେଶ ଉତ୍ତର ଦେଲା— ହଁ, ମୁଁ ଡିଟେକ୍ଟିଭ୍ ସରକାର୍... ୮।୧୦ ଦିନ ହେଲା ପୁରୀ ବେଞ୍ଚରେ ଆସିଛି ।

ମହେଶ ସଂଭ୍ରମରେ ନମସ୍କାର କରି କହିଲା— କ୍ଷମା କରିବେ ସାର୍, ମୁଁ ଆପଣଙ୍କୁ ଚିହ୍ନି ନ ପାରି...

ମହେଶର କଥାରେ ବାଧା ଦେଇ ରମେଶ କହିଲା—ଅଚିହ୍ନା ଲୋକଙ୍କ ଭିତରେ ଏମିତି ହବା ସ୍ୱାଭାବିକ ।

ମହେଶର ଅସହଜ ଭାବଟା ତଥାପି କଟି ନ ଥିଲା । ରମେଶ ସରକାରଙ୍କୁ ଦେଖିବା ତାର ଏଇ ପ୍ରଥମ । ତାଙ୍କର ବିଷୟ ବହୁତ

ଓ ଅସାଧାରଣ କୃତିତ୍ୱ ବିଷୟରେ ସେ ବହୁ ରହସ୍ୟାବୃତ ବର୍ଣ୍ଣନା ଶୁଣିଛି ଓ ଶୁଣିଛନ୍ତି । ଇଣ୍ଡିଅନ୍ ପୋଲିସ ଜର୍ଣ୍ଣାଲ ତାଙ୍କର ଅଜସ୍ର ପ୍ରଶଂସାରେ ବହୁବାର ଉଚ୍ଛ୍ୱସିତ ହୋଇ ଉଠିଛି ।

ମହେଶର ଏଇ ଅସ୍ୱସ୍ତିକର ଭାବଟା କଟାଇ ଦେବାକୁ ଯାଇ ରମେଶ କହିଲା— ଆପଣଙ୍କର ଏଥିରେ ଲଜ୍ଜିତ ହେବାର କିଛି ନାହିଁ । ତେବେ, ବର୍ତ୍ତମାନ ଏଇ ବ୍ୟାପାରଟା ସମ୍ବନ୍ଧରେ ମୋର ଯାହା କହିବାର ଅଛି ଆପଣ ଶୁଣନ୍ତୁ ।

ରମେଶ ସଙ୍କୋଚ—ଭାବରେ କହିଲା— କହନ୍ତୁ ସର୍ । ଆପଣଙ୍କଠାରୁ ଏ ବିଷୟରେ କିଛି ଜାଣିଲେ କେବଳ ଯେ ମୂଲ୍ୟବାନ୍ ହେବ, ତା ନୁହେଁ, ବରଂ ଆମକୁ ଏଇ ଅପରାଧ ବିଷୟରେ ସୂତ୍ର ଖୋଜି ବାହାର କରିବାର ଠିକ୍ ବାଟ ମିଳିବ ।

ମହେଶ ଆରମ୍ଭ କଲା— ଗଲା ଦୁଇମାସ ଧରି ମୋର ଇନ୍‌ସୋମାନିଆ ରୋଗପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ମୁଁ ସପରିବାର ପୁରୀ ହୋଟେଲରେ ରହୁଛି । କାଲି ଭୋର ରାତିରେ ଗୋଟାଏ କରୁଣ ଚିତ୍କାର ଶୁଣି ମୋର ନିଦ ହଠାତ୍ ଭାଙ୍ଗିଗଲା । ଝରକାର ପରଦା ଅଡେଇ ମୁଁ ବାହାରକୁ ଦେଖିବାକୁ ଚେଷ୍ଟାକଲି । ମାତ୍ର ଗାଢ଼ ଅନ୍ଧକାର ଭିତରେ କିଛି ଦେଖିପାରିଲି ନାହିଁ । କିଛି ସମୟ ପରେ ପୁଣି ଥରେ ସେଇ ଆର୍ତ୍ତ ଚିତ୍କାର ଭାସି ଆସିଲା । ସେ ଶବ୍ଦ ରାତ୍ରିର ଅନ୍ଧାରର ବିରାଟ ନିସ୍ତବ୍ଧତା ଭିତରେ କୁଆଡ଼େ ମିଳେଇଗଲା ।

— ସେତେବେଳକୁ ଠିକ୍ କେତେ ରାତି ହୋଇଥିଲା ସାର୍, ମହେଶ ଆଗ୍ରହ ସହକାରେ ପଚାରିଲା ।

— ଦ୍ୱିତୀୟ ଥର ଏପରି ଚିତ୍କାର ଶୁଣିବା ବେଳେ ରାତି

ସାଢ଼େ ତିନିଟା ବାଜିଥିଲା । ତା'ପରେ ମୁଁ କାନ ଡେରି ରହିଲି କିନ୍ତୁ ସକାଳ ପର୍ଯ୍ୟନ୍ତ କିଛି ଶୁଣି ପାରିଲି ନାହିଁ ।

ଖୁବ୍ ଭୋରରୁ ଉଠି ସମୁଦ୍ରକୂଳେ ବୁଲିବା ମୋର ଅଭ୍ୟାସ ...ମୁଁ ଓ ମୋର ସ୍ତ୍ରୀ ସାଧନା ହୋଟେଲ ବାହାରକୁ ଆସିଲାବେଳକୁ ସମୁଦ୍ରକୂଳେ ବେଶ୍ ଭିଡ଼ ଜମି ଉଠିଛି... ତା'ପରର ବ୍ୟାପାରଟା ତ ଆପଣ ନିଜେ ଦେଖିଛନ୍ତି ।

ମହେଶର କଥା ଶେଷ ନ ହେଉଣୁ ରମେଶ କହିଲା — ତା ହେଲେ, ବ୍ୟାପାରଟା ତ ଟିକିଏ ଜଟୀଳ ଜଣା ପଡୁଚି, ସାର୍ । ଏଇଟା କଦାପି ଆତ୍ମହତ୍ୟା ହୋଇ ନ ପାରେ ।

— ଅଜିକାଲି ପରିବେଶ ଭିତରେ ମଣିଷ ବଡ଼ ବେଶୀ ସ୍ୱାର୍ଥପର ଓ କୁଟୀଳ ହୋଇପଡ଼ିଛି ମହେଶବାବୁ । ଏଇ ଧରଣର ମୃତ୍ୟୁ ପଛରେ କାରଣ ଅନୁସନ୍ଧାନ କରିବାକୁ ଗଲେ ଆପଣ ମଣିଷର ଜଘନ୍ୟ ବର୍ବରତାର ସନ୍ଧାନ ପାଇବେ । ମୁଁ ଆପଣଙ୍କୁ ଅନୁରୋଧ କରୁଚି, ଆପଣ ଏଠି ବେଶୀ ଡେରି ନ କରି ପୁଣି ଥରେ ସେଇ ମୃତ ଯୁବତୀର ଅବସ୍ଥା ଓ ପରିବେଶକୁ ଠିକଣାଖି ଭାବରେ ଦେଖନ୍ତୁ । ମୋର ଆଶା ସେଇଠୁଁ ଆପଣ କିଛି ନା କିଛି ସନ୍ଧାନ ପାଇବେ ।

ମହେଶ ନମସ୍କାର ଜଣାଇ ଦ୍ରୁତ ପଦରେ ଫେରି ଚାଲିଲେ ।

କେବଳ ପୋଲିସ୍ ସିପାହୀ ଓ କେତେଜଣ ଦର୍ଶକଙ୍କୁ ଛାଡ଼ିଦେଲେ ଘଟଣା ସ୍ଥାନରୁ ସେତେବେଳକୁ ଅନେକେ ବିଦାୟ ନେଲେଣି ।

ମହେଶ ପଛରୁ ଆସି ପଚାରିଲେ— କଣ ପୋଲିସ୍ ଭ୍ୟାନ୍ ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ ?

ଜଣେ ସିପାହୀ ପୋଲିସ କାଇଦାରେ ସଲାମ ଠୁଙ୍କି କହିଲା— ନାହିଁ ହଜୁର ।

ମହେଶ ମୃତ ଯୁବତୀର ଶବ ଉପରେ ଆଖି ରଖି କହିଲା— ତମେ ସମସ୍ତେ ଏଠୁ ଯାଇ ସ୍ୱର୍ଗଦ୍ୱାର ଉପର ରାସ୍ତାରେ ଅପେକ୍ଷା କର । ଭ୍ୟାନ୍ ଆସିଲେ ସେଇଠି ତାକୁ ଅଟକାଇ ରଖିବ ଓ ଅପେକ୍ଷା କରିବାକୁ କହିବ ।

ସିପାହୀ ମାନେ ବାକୀ ଲୋକଙ୍କ ସାଙ୍ଗରେ ଚାଲିଗଲା ପରେ ମହେଶ ପଛରୁ ଡାକି କହିଲା— ଯତୀନ୍, ତମେ ମୋ ପାଖରେ ରହ ।

ମହେଶ ଶବର ମୁଣ୍ଡ ଉପର ବାଲିରେ ବସି ପଡିଲା ଓ ଖୁବ୍ ମନଯୋଗ ସହକାରେ ପରୀକ୍ଷା କରିବାକୁ ଲାଗିଲା । ରମେଶର କଥା ଶୁଣି ସାରିଲା ପରେ ମହେଶର ଆଗ୍ରହ ବଢି ଉଠିଛି । ଏ ଘଟଣାର କିଛି ତଥ୍ୟ ବାହାର କରିପାରିଲେ ସେ ତା ବିଭାଗୀୟ ପ୍ରଶଂସା ଛଡ଼ା ରମେଶ ସରକାରଙ୍କ ପରି ଜଣେ ବିଖ୍ୟାତ ଡିଟେକ୍ଟିଭଙ୍କ ସୁନଜରରେ ରହିବ ।

ମୃତ ଯୁବତୀଟି ଗୋଟିଏ କରମାଡ଼ ଶୋଇଛି···କେମ୍ ଶିଲ୍କ୍ ଧୂସର ରଙ୍ଗର ଶାଢ଼ୀ ତଳେ ତାର ସୁଗଠିତ ଅଙ୍ଗ ସୌଷ୍ଠବ ଏବେ ବି ଝଲମଲ କରୁଛି । କପାଳ ଉପର ପର୍ଯ୍ୟନ୍ତ ଓଢ଼ଣା ଥିଲେ ବି, କେଶ ବିନ୍ୟାସ, ଏପରିକି ଗଭାରେ ଖୋସା ହୋଇଥିବା ବାଲିଚମ୍ପା ଫୁଲର ବେଣୀଟି ବେଶ ଦେଖା ଯାଉଛି । ସୀମନ୍ତରେ ଲମ୍ବା ସିନ୍ଦୁର ଗାର ବି ସୁସ୍ପଷ୍ଟ । ବେଶ ଭୂଷା ଓ ପରିପାଟୀରୁ ଯୁବତୀଟି କୌଣସି ବଙ୍ଗାଳି ପରିବାରର ବଧୂ ବୋଲି ମହେଶ ଅନୁମାନ କରିନେଲା ।

ଗୋଡ଼ ପାଖକୁ ଆସି ମହେଶ ପରୀକ୍ଷା କଲା । ଯୁବତୀଟିର ଗୋରି ଗୋରି ପାଦରେ ଶାନ୍ତିନିକେତନୀ ଚଟି ଲାଗି ରହିଛି ।

ଦେହର ଦେଖାଯାଉଥିବା ଅଂଶରେ ଯେତେ ନିରେଖି ଦେଖିଲେ ବି କ୍ଷତର କୌଣସି ଚିହ୍ନ ଦେଖାଯାଉନି । ଲୁଗାପଟାରେ ବି କୌଣସି ପ୍ରକାରର ଅସଂଯତତା ନାହିଁ । ମହେଶର ଆଗ୍ରହ ମରି ଆସିଲା । ହତ୍ୟାର କୌଣସି ସଙ୍କେତ ସେ ଖୋଜି ପାଉନି । ଅଥଚ ରମେଶ ଙ୍କେର ଦେଇ କହୁଚି ଏଇ ଜଗାରୁ କିଛି ନା' କିଛି ସଂକେତ ଖୋଜିଲେ ବାହାରିବ । ଆତ୍ମହତ୍ୟା କରିଥିଲେ ଯୁବତୀଟି ଚିଠିର କରନ୍ତା ବା କହୁଁକି ? । ଏମିତି ପରସ୍ପର ବିରୋଧୀ ଦ୍ୱନ୍ଦ୍ୱ ଭିତରେ ତାର ମନ ଦୋହଲିବାକୁ ଲାଗିଲା ।

ଶବ ପାଖରୁ ଉଠିପଡ଼ି ଗୁହାଆଡ଼ର ବାଲି ଉପରେ ଆଖି ବୁଲାଇ ଆଣିଲା ମହେଶ । ଶବର ଅତି ନିକଟରେ ବାଲି ଉପରେ ସେପରି କିଛି ସଙ୍କେତ ନାହିଁ । ସମୁଦ୍ରକୂଳର ବାଲି ଉପରେ ଅନେକ ଲୋକ ସବୁବେଳେ ଯା' ଆସ କରୁଚନ୍ତି । ସୁତରାଂ ସବୁଦିଗରେ ଯିବା ଆସିବା ପଦ ଚିହ୍ନ ଅନେକ ପଡ଼ିଚି ଓ ଅନେକ ବାଲିସ୍ତୂପ ତଳେ ପୋତି ହୋଇଗଲାଣି ।

ଏ ଦ. ଘଣ୍ଟା ଭିତରେ କିଛି ଖୋଜି ପାଇବାକୁ ସେ କେବଳ ନିଷ୍ଫଳ ପରିଶ୍ରମ କରିଛି । ନୈରାଶ୍ୟରେ ଭାଜି ପଡ଼ିଲା ମହେଶ···

ଯତୀନ୍ ଶବର ଗୁହପାଖେ ଘୂରି ବୁଲୁଥିଲା । ଲିଟରେଟ କନେଷ୍ଟବଲରୁ ଉଲଙ୍ଗାମ ପରି ସେ ଏ. ଏସ୍. ଆଇ. କୁ ଏବେ ପ୍ରମୋଶନ ପାଇଚି । ଅନେକ ଅଥାଘ ଘଟଣାର ସୂତ୍ର ଖୋଜି ବାହାର କରିପାରିଚି ସେ ନିଜର ତୀକ୍ଷ୍ଣ ବୁଦ୍ଧି ବଳରେ । ମହେଶର ଅଗାଧ ବିଶ୍ୱାସ ତା ଉପରେ ।

—କଣ, କିଛି ପାଇଲୁ ଯତୀନ୍ ?

— ଯୁବତୀଟିକୁ ଯେ ହତ୍ୟା କରି ଯାଇଚି ଏହା ନିଃସନ୍ଦେହ ସାର୍ ।

ଯତୀନ୍‌ର ଉତ୍ତର ଶୁଣି ଅବାକ୍ ହୋଇଗଲା ମହେଶ । ତା ଆଖିରେ ନ ପଡ଼ିଥିବା ଏପରି କିଛି ଜିନିଷ ନିଶ୍ଚୟ ଯତୀନ୍‌ର ଆଖିରେ ପଡ଼ିଚି ।

ମନେ ମନେ ଖୁସି ହୋଇ ମହେଶ ପଚାରିଲା— କାହିଁ, ହତ୍ୟାର ସେମିତି କିଛି ସଙ୍କେତ ତ ମୁଁ ଦେଖି ପାରୁ ନାହିଁ, ଯତୀନ୍ ।

ନମ୍ର ଭାବରେ ଯତୀନ୍ କହିଲା— ଆପଣ ଲକ୍ଷ କରିନାହାନ୍ତି ସାର୍ । ମୁଁ ଏଇ ପିନ୍ଧା ଲୁଗାକୁ ଦେଖି ଭାବୁଚି ଯେ ଏଇଟି । ନିଶ୍ଚୟ ଗୋଟାଏ ହତ୍ୟା ମାମଲା···ଛୋଟ ଢେକି କହିଲା ଯତୀନ୍—ଦେଖନ୍ତୁ ସାର···, ବଲାଣ୍ଟିଠାରୁ ଅଣ୍ଟା ପର୍ଯ୍ୟନ୍ତ ଲୁଗା ଉପରେ ସମୁଦ୍ର ବାଲି ଶୁଖି ଲାଗି ରହିଚି, ଅଥଚ ଅଣ୍ଟାଠାରୁ ଉପରକୁ ଲୁଗା ଉପରେ ସେମିତି ବାଲି ନାହିଁ । ତ ଛଡ଼ା, ଅଣ୍ଟାଠାରୁ ତଳ ଲୁଗାର ଧୂସର ରଙ୍ଗ ଉପର ଲୁଗା ଠାରୁ ବେଶୀ ଗାଢ଼ା ଦେଖାଯାଉଛି ।

ଆଗ୍ରହରେ ମହେଶ କହିଲା— ତା ମାନେ, ତୁମେ କହିବାକୁ ଚାହୁଁଚ ଯେ ଯୁବତୀଟି ମଲା ପୂର୍ବରୁ ଅଣ୍ଟା ପର୍ଯ୍ୟନ୍ତ ପାଣିରେ ପଶିଯାଇଚି ।

— ନାଁ ସାର୍, ତାକୁ ହତ୍ୟା କରିଥିବା ଲୋକ ପାଣି ଭିତରକୁ ଠେଲି ନେଇଚି···

— ବେଶ୍, ତା ପରେ···

— ତା ପରେ, ପୁଣି ତାକୁ ପାଣି ଭିତରୁ ଟାଣିଆଣି ଶୁଖିଲା ବାଲି ଉପରେ ଶୁଆଇଦେଇ ପଳାଇଚି । ଏଇଟା ଯଦି ଆତ୍ମହତ୍ୟା ହୋଇଥାନ୍ତା ସାର୍, ତା ହେଲେ ଯୁବତୀଟି ସମୁଦ୍ର ଢେଉ ମାଡ଼ରେ

ନିଶ୍ଚୟ ଭୁଲରେ ବିକ୍ଷିପ୍ତ ହୋଇ ପଡ଼ିଥାନ୍ତା, ଅଥଚ ତାର ସାଜ ସଜ୍ଜା ଭିତରେ କୌଣସି ରକମର ଅପନୃତା ନାହିଁ ।

ମହେଶ ପଚାରିଲା— ଯୁବତୀ ଉପରେ କୌଣସି ପ୍ରକାରର ବଳାତ୍କାର କରାଯାଇଛି ବୋଲି ତମର ଅନୁମାନ ହେଉଛି କି ?

—ନାଁ ସାର୍... ଟିକିଏ ଭାବିଲା ପରେ କହିଲା ଯତୀନ୍—ମୋର ମନେହୁଏ ହତ୍ୟା କଲାବେଳେ ଯୁବତୀର ପ୍ରତିରୋଧ କରିବାର କୌଣସି ଶକ୍ତି ନ ଥିଲା ଏବଂ ଖୁଣୀ ତାକୁ ଭଲଭାବରେ କାବୁ କରି ପାରିଥିଲା । ଅଥବା ମଧ୍ୟ ଯୁବତୀର ସଚେତନ ଚେହେରାରୁ ବେଶ୍ ବୁଝି ହେଉଛି ଯେ ଶେଷାବସ୍ଥାରେ ତାର ମୃତ୍ୟୁ ଘଟିଛି ଏବଂ ଏ ଖୁଣ ପାଇଁ କିଛି ଗୋଟାଏ ଅଦ୍ଭୁତ ଉପାୟ ଖୁଣୀ ନିଶ୍ଚୟ ଅବଲମ୍ବନ କରିଛି ।

—ତାହା ବେଶ୍ ବୁଝି ହେଉଛି ଯତୀନ୍, କାରଣ ଯୁବତୀର ଫୁଙ୍ଗୁଳା ଦେହର ଅଙ୍ଗ ପ୍ରତ୍ୟଙ୍ଗରେ କୌଣସି ପ୍ରକାରର କ୍ଷତର ଚିହ୍ନ ନାହିଁ । ତେବେ ବର୍ତ୍ତମାନ ପ୍ରଧାନ ସମସ୍ୟା ହେଉଛି ଯୁବତୀଟିର ପ୍ରକୃତ ପରିଚୟ ଜାଣିବା ।

ମୁଁ ମଧ୍ୟ ତା ଖୋଜିବାକୁ ଚେଷ୍ଟା କରିଛି ସାର୍ । ତେବେ ମୋର ଦୃଢ଼ ବିଶ୍ୱାସ ଯୁବତୀର ଶୋଇବା ଖଟ ତଳେ ତାର ପରିଚୟର କିଛି ନା କିଛି ସଙ୍କେତ ନିଶ୍ଚୟ ରହିଛି ।

ଅଧୀର ହୋଇ ପଚାରିଲା ମହେଶ—କିପରି ଜାଣିଲ ?

ଯତୀନ ବୁଝାଇ କହିଲା—ଏଇ ଲକ୍ଷ କରନ୍ତୁ ସାର୍...ବାଁ ହାତ ବ୍ଲାଉଜର ଚିରା ତଳକୁ ହାତର ଯେଉଁ ଫୁଙ୍ଗୁଳା ଅଂଶ ଟିକିଏ ଦେଖାଯାଉଛି ସେଠାରେ ଗୋଟାଏ ନୀଳ ରଙ୍ଗର ଗାର ବାହାରକୁ ଝାଣି ହୋଇ ଅଛି । ଶବଟିକୁ ଉଠାଇଲା ବେଳେ ଚିହ୍ନଟି ବେଶ ବାହାରିବ ।

ଯତୀନ୍‌ର ବୁଦ୍ଧିକୁ ତାରିଫ କରି ମହେଶ କହିଲା—ସାବାସ ଯତୀନ୍ । ତମେ ଏ ମାମଲାଟା ପଛରେ ଲାଗି ପଡ଼ିଲେ ନିଶ୍ଚୟ କିଛି ସନ୍ଧାନ ବାହାର କରିପାରିବ । ଅଉ ଡେ଼ର କାହିଁକି, ତମେ ଯାଅ, ପୋଲିସ ଭ୍ୟାନ୍ ଉପରେ ଅପେକ୍ଷା କରିଥିବ । ଶବଟାକୁ ଡାକ୍ତର ଖାନାକୁ ଉଠାଇ ନେବାକୁ ବନ୍ଦୋବସ୍ତ କର । ହୁଏତ ଡାକ୍ତର ମାଇନା ପରେ ଅଦ୍ଭୁତ ଅନେକ ତଥ୍ୟ ମିଳିପାରେ ।

ଶବଟିକୁ ଉଠାଇ ନେଲବେଳେ ମହେଶ ଲୁଗା ଟେକି ବାଁ ହାତର ବାହାଉପରେ ଦେଖିଲା ବଙ୍ଗଳା ଅକ୍ଷରରେ ସ୍ପଷ୍ଟ ଭାବରେ ଲେଖା ହୋଇଛି—ସୁଚରିତା ।

ପୋଲିସ ଭ୍ୟାନ୍ ଶବଟିକୁ ନେଇ ଚାଲିଗଲା ପରେ ମହେଶ ଜଣେ ସିପାହୀକୁ ସେଠାରେ ଜଗି ରହିବାର ଆଦେଶ ଦେଇ ଯତୀନକୁ ନେଇ ବାହାରିଗଲା । ସୁଚରିତାର ରହସ୍ୟମୟ ମୃତ୍ୟୁ ତା ମନ ଭିତରେ ଅଜସ୍ର ପ୍ରଶ୍ନ ଓ ଦ୍ୱନ୍ଦ୍ୱ ଭରି ରଖିଥିଲା ।

## ଦୁଇ

ହୋଟେଲକୁ ଫେରି ଆସିବା ପରେ ସାଧନାକୁ ନ ଦେଖି ରମେଶର ମନେ ପଡ଼ିଲା ଯେ ସେ ଲେବାରେଟୋରୀ ବାହାରେ ସାଧନାକୁ ଅପେକ୍ଷା କରିବାକୁ କହି ଅନେକ ବେଳ ପର୍ଯ୍ୟନ୍ତ ସେଇ ଭିଡ଼ ଭିତରେ ପଶି ରହିଥିଲା । ପରିସ୍ଥିତି ଓ ପରିବେଶ ଭିତରେ ସେ ସାଧନାର ଅସ୍ତିତ୍ୱକୁ ଏକାବେଳକେ ଏ କେତେଘଣ୍ଟା ଭୁଲି ଯାଇଥିଲା । ଏପରିକି ପୋଲିସ ଇନ୍‌ସପେକ୍ଟର ମହେଶ ସାଙ୍ଗରେ ଏକୁଟିଆ କଥାବାର୍ତ୍ତା କରିବାକୁ ଗଲାବେଳେ ମଧ୍ୟ ସାଧନା କଥା ତାର ମନେ ପଡ଼ିନି । ସାଧନା ହୁଏତ ତାକୁ ଏତେବେଳଯାଏ ଅପେକ୍ଷା କରିଛି ।

ପୁଣି ବାହାରକୁ ବାହାରିପଡ଼ିଲା ରମେଶ । ଖରାତେଜ ବଢ଼ି ଉଠିଲାଣି । ସମୁଦ୍ରକୂଳର ଆବହାଓ୍ୱା ଅସ୍ୱସ୍ତିକର ହୋଇ ଉଠୁଛି । ପାଖର ନାନା ସ୍ଥାନରେ ଖୋଜି ସାଧନାକୁ କେଉଁଠି ପାଇଲା ନାହିଁ ସେ; ଏତେବେଳ ହେଲା ଗଲା କୁଆଡ଼େ ସାଧନା ! ! ଅବଶ୍ୟ ସମୁଦ୍ର କୂଳେ ଖୁବ୍ ସକାଳୁ ଓ ସନ୍ଧ୍ୟାରେ ଅନେକ ବେଳ ଯାଏ ବୁଲିବାର ଗୋଟାଏ ନିତ୍ୟ ଅଭ୍ୟାସ ହୋଇଯାଇଛି ତାର ଏଇ

କେତେଦିନ ରହଣି ଭିତରେ । ସବୁଦିନେ ସେ ବୁଲିବାକୁ ଏକୁଟିଆ ଯାଏ···ମହେଶର ଇଚ୍ଛା ଥିଲେ ବି ସେ ଏତେ ସକାଳୁ ଉଠି ପାରେନା···ହୋଟେଲର ପୋର୍ଟିକୋ ଉପରୁ ବିଛଣାରେ ପଡି ରହି ତାକୁ ସମୁଦ୍ରର ବିସ୍ତୀର୍ଣ୍ଣ ଓ ସୌମ୍ୟ ନୀଳିମା ଦେଖିବାକୁ ଭଲ ଲାଗେ···ନିବିଷ୍ଟ ଭାବରେ ସ୍ରଷ୍ଟାର ବିରାଟ ଉଦାରତାକୁ ସେ ଉପଭୋଗ କରିବାକୁ ଭଲପାଏ···ଅତି ନିକାଞ୍ଚନ ପରିବେଶ ଭିତରେ··· ପୁରୀ ସମୁଦ୍ରକୂଳେ ଜମି ଉଠୁଥିବା ସକାଳ ଓ ସନ୍ଧ୍ୟାର ମୁଖରତାକୁ ସେ ମୋଟେ ଭଲ ପାଏନା । ଅନେକ ସମୟରେ ସେ ଭାବାବିଷ୍ଟ ଭାବରେ ସମୁଦ୍ରକୂଳର ବାଲି ଉପରେ ଚାଲି ଚାଲି ଅନେକ ଦୂରକୁ ଚାଲିଯାଏ । ଯେଉଁଠି ଗୋଟିଏ ଲୋକର ବି ଚଳପ୍ରଚଳ ନାହିଁ··· ଚାରିଆଡ଼ର ସୀମାହୀନ ନୀରବତା ଭିତରେ ସେ ଘଣ୍ଟା ପରେ ଘଣ୍ଟା ବସି କଟାଇଦିଏ ।

ରମେଶର ପାଖଦେଇ ପୋଲିସଭ୍ୟାନ ଗର୍ଜନ କରି ଛୁଟି ଚାଲିଗଲା ···ସମୁଦ୍ର ବାଲି ଉପରୁ ମହେଶ ଓ ଯତୀନ୍ ଧଇଁ ସଇଁ ହୋଇ ସ୍ୱର୍ଗଦ୍ୱାର ପାହାଚ ଉପରକୁ ଉଠିଆସିଲେ । ରମେଶ ପଚାରିଲେ — କଣ ହେଲା ଇନ୍‌ସପେକ୍ଟର ବାବୁ ?

ମହେଶ ଚମକି ପଡ଼ିଲାପରି କହିଲା—ଆପଣଙ୍କ ଅନୁମାନ ନିର୍ଭୁଲ, ସାର ! ଯୁବତୀଟିକୁ ହତ୍ୟା କରାଯାଇଛି ବୋଲି ମୋର ମଧ୍ୟ ଧାରଣା ହେଉଛି ।

ଟିକିଏ ହସି ରମେଶ ପଚାରିଲେ ପରିଚୟର କୌଣସି ସୂତ୍ର ପାଇଛନ୍ତି ?

ମହେଶ ଉତ୍ସାହିତ ଭାବରେ କହିଲା—ଯୁବତୀଟିର ନାମ ସୁଚରିତା ହୋଇପାରେ ସାର, ତାହାର ବାଁ ହାତ ବାହା ଉପରେ ଏଇ ନାଁଟି ଲେଖାହୋଇଛି ।

ରମେଶର ଭ୍ରୂ କୁଞ୍ଚିତ ହୋଇଆସିଲା । ଲୁଚିଲାପରି ହୋଇ ତା ପାଟିରୁ ବାହାରିପଡ଼ିଲା—ସୁଚରିତା !!

ରମେଶର ଭାବଭଙ୍ଗୀ ଲକ୍ଷ୍ୟ କରି ମହେଶର ମନ ସନ୍ଦେହଗ୍ରସ୍ତ ହୋଇ ଉଠିଲା । ପଚାରିଲା ସେ—ଆପଣ ସୁଚରିତାଙ୍କୁ ଚିହ୍ନନ୍ତି, ସାର !

ରମେଶର ବିହ୍ୱଳତା ସେ ପର୍ଯ୍ୟନ୍ତ କଟିନଥିଲା । ସେ ସ୍ୱପ୍ନ ଜଗତର ଭାଷାରେ କହିଲା—ହଁ, ଏକଦା ଚିହ୍ନିଥିଲି ମହେଶବାବୁ ! କିନ୍ତୁ ବର୍ତ୍ତମାନ ଚିହ୍ନିବାର କୌଣସି ଉପାୟ ନାହିଁ । ରମେଶର କଥାଭିତରେ ଗଭୀର ନୈରାଶ୍ୟ । ଗୋଟାଏ ଦୀର୍ଘନିଶ୍ୱାସ ପକାଇ ରମେଶ ତୁନି ରହିଲା ।

ମହେଶ ବୁଝିଲା ରମେଶର ମନରେ ଦୁଃଖର ତୋଫାନ ଉଠିଛି ସୁଚରିତାର ସ୍ମୃତିର । ସାଙ୍ଗେ ସଙ୍ଗେ ସୁଚରିତା ବିଷୟରେ ବେଶୀ ଜାଣିବାକୁ ପ୍ରବଳ ବାସନା ଜାଗିଉଠିଲା ମହେଶର; ରମେଶଠାରୁ କଥା ଅସୁଲ କରିବାକୁ ସେ ପଚାରିଲା—ଶବକୁ ଦେଖି ମଧ୍ୟ କଣ ଆପଣ ସୁଚରିତାଙ୍କୁ ଚିହ୍ନି ପାରିଲେ ନାହିଁ, ସାର ?

ପୁଣିଥରେ ଦୀର୍ଘନିଶ୍ୱାସ ପକାଇ ରମେଶ ଆରମ୍ଭ କଲା—ଆପଣ ଯେ ସୁଚରିତା ବିଷୟରେ ଜାଣିବାକୁ ଖୁବ୍ ବ୍ୟାକୁଳ ହୋଇ ଉଠିଲେଣି ଏ କଥା ମୁଁ ଭଲ ଭାବରେ ବୁଝିପାରୁଛି ମହେଶବାବୁ । ଆପଣଙ୍କ ପାଖରୁ ତା'କଥା ଲୁଚାଇ ହେବନି ତା ମଧ୍ୟ ମୁଁ ଜାଣୁଛି ।

ମହେଶ ଆଗ୍ରହରେ ଚାହିଁ ରହିଲା ରମେଶର ମୁହଁକୁ ।

ଆପଣ ମୋତେ କେବଳ ଗୁଇନ୍ଦା ରମେଶ ସରକାର ବୋଲି ଜାଣନ୍ତି, ସାରା ଦେଶ ବି ମତେ ସେଇ ହିସାବରେ ଜାଣେ । ମାତ୍ର ମୋର ବଂଶ ପରିଚୟ କେହି ଜାଣନ୍ତି ନାହିଁ, ତା ଏପର୍ଯ୍ୟନ୍ତ ବାହାର

ଜାଣିବାର ଦରକାର ପଡ଼ନ୍ତା । ସୁଚରିତା କଥା ଆଜ ନ ଉଠିଥିଲେ ହୁଏତ ଆପଣ ବି ଏତେ କଥା ମୋଠାରୁ ଆଜ ଶୁଣିବାକୁ ପାଇ ନଥାନ୍ତେ ।

ନିର୍ବିକାର ଭାବରେ ରମେଶ ଚାହିଁ ରହିଲା ।

ମୋର ଜନ୍ମ ବୃତ୍ତାନ୍ତ ଏପର୍ଯ୍ୟନ୍ତ ସଠିକ୍ ମୁଁ ଜାଣି ପାରିନି । ବୟସ ଓ ବୁଦ୍ଧି ହେଲା ପରେ ଯାହାଙ୍କୁ ମୁଁ ମା' ବୋଲି ଜାଣିଥିଲି ସେ ପ୍ରକୃତରେ ମୋ ମା' କି ନୁହେଁ ତା' ଜାଣିବାର ମୋର ଉପାୟ ନଥିଲା । ପୂର୍ବବଙ୍ଗର ବହୁଦୂର ଜନ୍ମଭୂମି ଛାଡ଼ି ସେ ମୋତେ ନେଇ ରହୁଥିଲେ କଲିକତା ଉପାନ୍ତର ଏକ ଅଭିଜାତ ବସ୍ତି ଭିତରେ, ଆମେ ବେଶ୍ ସୁଖଖୁସିରେ ଚଳୁଥିଲୁ । ଟଙ୍କା ପଇସା, ଚାକର ବାକର କିଛିର ଅଭାବ ନଥିଲା ଆମର । ମା' ମୋର ଅସାମାନ୍ୟା ସୁନ୍ଦରୀ ଥିଲେ ଏବଂ ରୂପ ଗର୍ବ ଓ ଅହମିକା ଅତି ନଗ୍ନ ଭାବରେ ତାଙ୍କ ଚାଲି ଚଳନରେ ଫୁଟି ଉଠୁଥିଲା । ଗୋଟାଏ ଜିନିଷ କିନ୍ତୁ ମୁଁ ବରାବର ଲକ୍ଷ୍ୟ କରୁଥିଲି ମହେଶବାବୁ, ଜନନୀର ଅନ୍ତରର ବାତ୍ସଲ୍ୟ ଓ ମମତା ତାଙ୍କଠାରେ ନଥିଲା । ମୋର ଯଦିଓ କୌଣସି ଅସୁବିଧା ସେ ହେବାକୁ ଦେଉ ନ ଥିଲେ, ତଥାପି ମତେ ସେ ଆଶ୍ରିତ ଓ ଦୟାର ପାତ୍ର ଭାବରେ ସବୁବେଳେ ବ୍ୟବହାର କରୁଥିଲେ । ବସ୍ତି ଭିତରେ ଏକଥା ମଧ୍ୟ ଛପି ରହିଲା ନାହିଁ । ମୋପ୍ରତି ତାଙ୍କର ବ୍ୟବହାର ଦେଖି ଅନେକ କେବଳ ସନ୍ଦେହ କରୁ ନଥିଲେ ମତେ ଅଠାକରି ନାନା' ପ୍ରକାର କଥା ମଧ୍ୟ କହୁଥିଲେ । ମୋର ମଧ୍ୟ ବେଳେ ବେଳେ ସନ୍ଦେହ ହେଉଥିଲା, ସେ ମୋର ଜନ୍ମଦାତ୍ରୀ ମା ନୁହେଁ ।

ଗୋଟାଏ ଦୀର୍ଘନିଶ୍ୱାସ ପକାଇ ରମେଶ ପୁଣି ଆରମ୍ଭ କଲା—ତା'ପରେ ମୋର ବୟସ ବଢ଼ିଉଠିଲା ସାଥେ ସାଥେ ଘରର ବାୟୁମଣ୍ଡଳ ନେଇ ମୋ ଦେହ ମନ ବିଷେଇ ଉଠିଲା । ଅନେକ ସଂଭ୍ରାନ୍ତ ଲୋକ ଆମଘରକୁ ଯା' ଆସ କରୁଥିଲେ । ମା' ମଧ୍ୟ ପ୍ରତ୍ୟେକଙ୍କ ସହିତ ଅବାଧ ମିଳାମିଶା କରୁଥିଲେ, ଏପରିକି ସିନେମା, ଥିଏଟର ପର୍ଯ୍ୟନ୍ତ ଅନ୍ୟଲୋକଙ୍କ ସାଙ୍ଗରେ ସେ ଯାଉଥିଲେ । ଲୋକେ ତାଙ୍କ ଚରିତ୍ର ଉପରେ ନାନାପ୍ରକାର ଟୀପ୍ପଣି ଖୋଲି ଖୋଲି କଲେ ମଧ୍ୟ, ଆମ ଧନ ଏବଂ ବଡ଼ଲୋକଙ୍କ ସହିତ ସଂପର୍କ ଭୟରେ ଆମର କିଛି କରି ପାରୁ ନଥିଲେ ।

ମୁଁ ସେତେବେଳକୁ ବି. ଏ. ପାଶ୍ କରିସାରିଥାଏ । ମା'ଙ୍କୁ ଲୋକଙ୍କ କଥା ବୁଝାଇ ସମାଜର ଶୋଭନୀୟ ପରିଧି ଭିତରେ ରଖିବା ମୋର ଶକ୍ତିର ବାହାରେ ଥିଲା—ତା' କରିଥିଲେ ସେ ହୁଏତ ମୋ କଥା ଶୁଣି ନ ଥା'ନ୍ତେ । ସୁତରାଂ ଏପରି ଜଘନ୍ୟ ପରିସ୍ଥିତିର ବାହାରେ ରହିବାକୁ ମୁଁ ବ୍ୟାକୁଳ ହୋଇ ଉଠିଲି । ସେତେବେଳେ ବିଲାତ ଯାଇ ପଢ଼ିବାର ମୋହ ଅନେକ ବଡ଼ଲୋକ ପିଲାଙ୍କର ଥାଏ । ମା'ଙ୍କୁ ଅନେକ ପ୍ରବର୍ତ୍ତାଇ ମୁଁ ଅପରାଧ ବିଜ୍ଞାନ ପଢ଼ିବାପାଇଁ ବିଲାତ ଚାଲିଗଲି । ଗଲାବେଳେ ମା' ମୋତେ ପ୍ରଚୁର ଟଙ୍କା ଦେଇ ଦୁଃଖ ମନରେ ବିଦାୟଦେଲେ ମଧ୍ୟ, ତାଙ୍କ ଉଚ୍ଛ୍ୱସିତ କଥାରୁ ମୁଁ ଠିକ୍ ବୁଝିଥିଲି ମୁଁ ଦୂରେଇ ଯିବାରେ ସେ ବେଶ୍ ଆନନ୍ଦ ପାଉଚନ୍ତି ।

ଦୀର୍ଘ ୧୫ ବର୍ଷ ଇଉରୋପର ନାନାଦେଶରେ କଟାଇବାକୁ ପଡ଼ିଲା । ଇଚ୍ଛାଥିଲା ଆଉ ନ ଫେରି ସେଇଠି ବସ ବାସ କରି ରହିଯିବାକୁ । ଶଠି ପ୍ରବନ୍ଧର ଗଲାର ୧୦ ବର୍ଷ ପର୍ଯ୍ୟନ୍ତ ମୋର

ମା'ଙ୍କ ସହିତ ସଂପର୍କ ଥିଲା । ମୁଁ ନ ଲେଖିଲେ ବି ମଝିରେ ମଝିରେ ମା' ମୋତେ ବେଶ୍ ମୋଟା ରକମର ଟଙ୍କା ପଠାଉଥିଲେ । ଦିନେ ସ୍କଟଲଣ୍ଡରେ ଥିଲାବେଳେ ହଠାତ୍ ମା'ଙ୍କ ଠାରୁ ଚିଠି ପାଇଲି, ସେ ଶେଷ ଶଯ୍ୟାରେ···ବଞ୍ଚିବାର କୌଣସି ଆଶା ନାହିଁ । କେବଳ ସେତିକି ନୁହେଁ···ମା' ଲେଖିଥିଲେ ଯେ ମୋର ଯଦି ତାଙ୍କପ୍ରତି ମମତା ଥାଏ ତାହେଲେ ତାଙ୍କର ଶେଷଇଚ୍ଛା ମତେ ପୂରଣ କରିବାକୁ ହେବ ଏବଂ ସେଇ ଶେଷ ଇଚ୍ଛା ହେଉଚି ମତେ ବିବାହ କରିବାକୁ ହେବ ସୁଚରିତା ବୋଲି ଗୋଟିଏ ଝିଅକୁ, ଯାହାକୁ ସେ ବୋହୂ କରିବେ ବୋଲି କଥା ଦେଇସାରିଚନ୍ତି । ମା' ମତେ ବୁଝେଇବାକୁ ଲେଖିଥିଲେ ସୁଚରିତା ରୂପର ଓ ଗୁଣର ତାକୁ ଜୀବନ ସଙ୍ଗିନୀ କରି ପାରିଲେ ମୁଁ ଅସୁଖୀ ହେବିନି । ମା' ସୁଚରିତା ନାଁରେ ତାଙ୍କର ସମସ୍ତ ସମ୍ପତ୍ତି ଉଇଲ୍ କରି ଦେଇଚନ୍ତି ବୋଲି ମଧ୍ୟ ମତେ ଲେଖିଥିଲେ ।

ଏତେ ଦୂର ବିଦେଶରୁ ଇଚ୍ଛାଥିଲେ ବି ମା'ଙ୍କର ଅନ୍ତିମ ଦର୍ଶନ ପାଇଁ ଆସିବା ମୋ ପକ୍ଷରେ ସମ୍ଭବ ହେଲାନି । ସୁଚରିତାଠାରୁ ହପ୍ତାକ ପରେ ଚିଠି ପାଇଲି ମା'ଙ୍କର ଦେହାନ୍ତ ହୋଇଚି ।

ଅନର୍ଗଳ ଭାବରେ ଏତେ କଥା କହି ରମେଶ ଟିକିଏ ଅଟକି ଗଲା । ତା ଆଖି ସାମନାରେ ଜୀବନ୍ତ ହୋଇ ଉଠିଲା ବିଗତ ଦିନର ଏହି ରୋମାଞ୍ଚକର ଘଟଣା ଭିତରେ ସେ ନିଜକୁ ଯେପରି ଭୁଲିଗଲା । ଗୃହାଣୀ ଭିତରେ ତାର ଶୂନ୍ୟ ରିକ୍ତତା —

ମହେଶ ଆଗରେ ଯେପରି ମାୟାପୁରୀର ଏକ ଇନ୍ଦ୍ରଜାଲିକ କାହାଣୀ କହୁଚି ରମେଶ । ନିର୍ବାକ୍ ବିସ୍ମୟରେ ସେ ଚାହିଁ ରହିଲା ରମେଶର ସୌମ୍ୟ ତରୁଣ ମୁହଁକୁ କିଛି କ୍ଷଣ ପରେ ସେ ତନ୍ଦ୍ରାଭଙ୍ଗ

କହିଲ ମତେ କ୍ଷମା କରବେ ସାର୍ । ଘଟଣା ଚକ୍ରରେ ହୁଏତ ଆପଣଙ୍କୁ ବାଧ୍ୟ ହୋଇ ମୋ ଆଗରେ ଆପଣଙ୍କର ଏକାନ୍ତ ଗୁପ୍ତ ଘରୋଇ ବ୍ୟାପାର କହିବାକୁ ପଡ଼ିଲା ।

ମହେଶର କଥାରେ ବାଧାଦେଇ ରମେଶ କହିଲା—ସେ ନାହିଁ, ସରିନାହିଁ ରମେଶବାବୁ···ଖାଲି ଶୁଣିଯା ଅନୁ ଆପଣ—ଥରେ ଯେତେବେଳେ ଫୁଆର ଖୋଲିଛି ସେ କୌଣସି ବାଧା ମାନିବନି । ହଁ; ସୁଚରିତା କଥା କହୁଥିଲି ନା ? ମା, ମହିଯିବାର ଅନେକ ଦିନ ପର୍ଯ୍ୟନ୍ତ ସୁଚରିତା ବରାବର ମୋତେ ପ୍ରେମପତ୍ର ଲେଖୁଥିଲା । ଚିଠିରେ ମୋତେ ସ୍ୱାମୀ, ଅନ୍ତରତମ ମଧ୍ୟ ସମ୍ବୋଧନ କରୁଥିଲା । ମୁଁ ମଧ୍ୟ ତାର ପ୍ରେମପତ୍ରର ଦରଦୀ ଉତ୍ତର ଦେବା ମୋର ଏକ ଦୈନନ୍ଦିନ କାମ ଭିତରେ ଗଣି ନେଇଥିଲି ।

···ତାପରେ ପ୍ରାୟ ଏହିପରି ଦୁଇବର୍ଷ ବିତିଗଲା ପରେ ଅନେକ ଦିନ ପର୍ଯ୍ୟନ୍ତ ସୁଚରିତାର ଚିଠିପତ୍ର ଆସିଲାନାହିଁ । ମୁଁ ନିୟମିତ ଚିଠି ଲେଖିଲେ ମଧ୍ୟ ସୁଚରିତାଠାରୁ କୌଣସି ଉତ୍ତର ମିଳିଲାନି । ଚିଠିପତ୍ର ଭିତରେ ଆମେ ଦୁହେଁ ଖୁବ୍ ଘନିଷ୍ଠ ଓ ଅନ୍ତରଙ୍ଗ ହୋଇ ଉଠିଥିଲୁ । ସୁଚରିତାର ଏ ଉପେକ୍ଷା ମୋ ପ୍ରାଣରେ ବଡ଼ ଆଘାତ ଦେଲା । କେତେମାସ କଟିଗଲାପରେ ପୁଣି ସୁଚରିତା ଠାରୁ ଖଣ୍ଡେ ଚିଠି ପାଇଲି···ଚିଠିଟି ଭିତରେ ସୁଚରିତାର ଅସହାୟତା ଅଭିନୀଦ କରି ଉଠିଚି । ଆଗପରି ସେଥିରେ ସେ ପ୍ରାଣଢଳା କଥା ନାହିଁ । ଦୀର୍ଘ ବର୍ଷେ ବିତିଗଲା···ତାଭିତରେ ସୁଚରିତା ପାଖରୁ ମୁଁ ଖୁବ୍ ଜୋର ଦୁଇ ତିନିଖଣ୍ଡ ଚିଠି ପାଇଥିବି । ଶେଷରେ ଜନ୍ମଭୂମିକୁ ଫେରିଆସିବାକୁ ସିଦ୍ଧାନ୍ତ କରି ମୁଁ ବାହାରି ପଡ଼ିଲି । କଲିକତା ଯେତିକି ନିକଟେଇ ଆସୁଥାଏ, ମନଭିତରେ

ସୁଚରିତାକୁ ନିକଟରେ ପାଇବାର ଅଦମ୍ୟ ଇଚ୍ଛା ଜାଗି ଉଠୁଥାଏ ।

ଜନ୍ମଭୂମିକୁ ନ ଫେରିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା। ଜୀବନର ଏକ ଦୁର୍ବିସହ ରିକ୍ତତାରୁ ମୁଁ ରକ୍ଷା ପାଇଥାନ୍ତି । ଷ୍ଟେସନକୁ ସୁଚରିତା ବେଶ୍ ସାଜି ବୁଝି ମୋତେ ପାଛୋଟି ନେବା ପାଇଁ ଆସିଥିଲା ।

ସୁଚରିତାକୁ ଦେଖି ହଠାତ୍ କାହିଁକି ମୋର ଶିରା ପ୍ରଶିରା ଜଳି ଉଠିଲା ।

—କାହିଁକି ସାର, ମା' କଣ ଆପଣଙ୍କୁ ତା'ହେଲେ ସୁଚରିତା ସୁନ୍ଦରୀ, ଗୁଣବତୀ ବୋଲି ମିଛ ଲେଖିଥିଲେ ? ମହେଶ ରମେଶର କଥାର ଗତି ବନ୍ଦ ହୋଇଯିବାକୁ ଲକ୍ଷ କରି କହିଲା ।

—ନାଁ, ନାଁ, ତା ନୁହେଁ ରମେଶବାବୁ, ପ୍ରକୃତରେ ସୁଚରିତା ଅପୂର୍ବ ରୂପସୀ ଥିଲା, କିନ୍ତୁ ମୁଁ ଦେଖିଲି ମୋର ମା'ଙ୍କର ଅବିକଳ ଚେହେରାର ଛାପ ଯେମିତି ତା ଉପରେ ପଡ଼ିଛି । ମୋର ବଦ୍ଧମୂଳ ଧାରଣା ହେଲା ମୋର ଯିବା ପୂର୍ବରୁ ଲୋକେ ମା ନାଁରେ ଯେଉଁ କୁତ୍ସା ରଟନା କରୁଥିଲେ ତାହାର ଜୀବନ୍ତ ପ୍ରମାଣ ସୁଚରିତା ।

ସୁଚରିତା ସଙ୍ଗରେ ରହିପାରିଲି ନି···ସମ୍ପତ୍ତି ବା ଟଙ୍କାର ଲୋଭ ମୋର ନଥିଲା । ମୁଁ ନିଜେ ବ୍ୟବସାୟ ବଳରେ ପ୍ରଚୁର ଟଙ୍କା ରୋଜଗାର କରୁଥିଲି ।

ମୁଁ କେବଳ ଚାହୁଁଥିଲି ଗୋଟାଏ ଭଦ୍ର ସାମାଜିକ ସ୍ଥିତି, ଏକ ସୁସ୍ଥ ପ୍ରୋଫେଶନ । ସେଇ ଥରେ ଦେଖା ପରେ ମୁଁ ଚିର ବିଦାୟ ନେଲି ସୁଚରିତାଠୁଁ । କଲିକତାରେ ନରହି ମୁଁ ସିଧା ଏଲାହାବାଦ ଯାଇ ସେଇଠି ପ୍ରାକ୍ଟିସ୍ ଆରମ୍ଭ କରି ଦେଲି ।

—ତା ହେଲେ ଅପଣ ଜୀବନରେ କେବଳ ଥରକ ଲାଗି ସୁଚରିତାଙ୍କୁ ଦେଖିଚନ୍ତି ସାର୍ ।

—ହଁ ସେଇ ଥରେ ଦେଖା, ଅଜକୁ ପାଖାପାଖି ୧୦ବର୍ଷ ତଳେ ।

—ଏପରି ଅବସ୍ଥାରେ ବର୍ତ୍ତମାନ ସୁଚରିତାଙ୍କୁ ଚିହ୍ନିବାର ଅପଣଙ୍କର କୌଣସି ଉପାୟ ନାହିଁ । ତଥାପି ସାର୍……

ନିରସ ଭାବରେ ମୁଣ୍ଡ ହଲାଇ କହିଲା ରମେଶ—ନାଁ, ମୋଟେ ସମ୍ଭବପର ନୁହେଁ । ଦଶବର୍ଷ ଭିତର ମଣିଷ ବିଶେଷତଃ ନାରୀର ଚେହେରା ଅନେକ ବଦଳି ଯାଏ ରମେଶ ବାବୁ । ତେବେ ମୋର ଟିକିଏ ଟିକିଏ ମନେ ପଡୁଚି ସୁଚରିତାର ଡାଁ ଅଖି ଡୋଳାର କଣକୁ ଗୋଟିଏ ତିଳଚିହ୍ନ ଥିଲା । ଅପଣ ସେଇଟା ଦେଖି ପାରନ୍ତି ।

ମହେଶ ବସିଥିବା ଜାଗାରୁ ଉଠି ପାରିଲାନି । ରମେଶ ସରକାରଙ୍କ ପରି ଜଣେ ଅପରାଧ ବିଶାରଦ ଦକ୍ଷ ଗୋଇନ୍ଦା ଯେ ଏତେ ଦୁର୍ବଳ ଓ ବିଚାର ଜ୍ଞାନଶୂନ୍ୟ ହୋଇ ନିଜର ବଂଶର କଳଙ୍କ ଏପରି ନଗ୍ନ ଭାବରେ ପ୍ରକାଶ କରି ପାରିବେ ଶୁଣି ମଧ୍ୟ କଳ୍ପନା କରି ପାରୁ ନଥିଲା ମହେଶ ।

—ମୁଁ ଅପଣଙ୍କ ଅଖିର ଗୁହାଣୀ ଦେଖି ସବୁ ବୁଝିପାରୁଚି ରମେଶ ବାବୁ । ଏ ସବୁ କହି ଦୁର୍ବଳତା ଦେଖାଇବା ମୋର ନୁହେଁ, ମୋର ବଂଶର···ମୋର ପ୍ରୋଜ୍ଞମାର । ଯେତେ ବଡ଼ ହେଲେ ବି ରକ୍ତରେ ଏଇ ବିଷ କେତେବେଳେ ହେଲେ ମତେ ଏକାଗ୍ର ବା ସୁସ୍ଥ କରି ଦବନି, ସବୁବେଳେ ମତେ ପଛରୁ ଟାଣି ରଖିବ ।

ବ୍ୟଥ ଭରା କଣ୍ଠରେ କହିଲା ରମେଶ—

—ସେଇ ଶେଷ ଦେଖାପରେ କଣ ଆପଣ ସୁଚରିତାଙ୍କର କିଛି ଖୋଜ ଖବର ରଖି ନଥିଲେ ସାର ।

—ନାଁ, ମୁଁ ଭାବିଥିଲି ସୁଚରିତାଙ୍କୁ ଭୁଲି ଯାଇ ମୁଁ ଯଶସ୍ୱୀ ହେବି । କିନ୍ତୁ ଆଜି ସୁଚରିତାର ଏଇ ଆକସ୍ମିକ ମୃତ୍ୟୁ ମୋତେ ଜୀବନର ଶ୍ରେଷ୍ଠ ପରାଜୟ ଆଣି ଦେଇଛି । ମୁଁ ସେଇ ପରାଜୟର ଗ୍ଲାନିରେ ଆଜି ଆପଣଙ୍କ ପାଖରେ ସବୁ ସ୍ୱୀକାର କରୁଛି । ହଁ, ମୁଁ ସୁଚରିତା ବିଷୟରେ ଏତିକି ଜାଣିଥିଲି ଯେ ସେ ମୋର ଆସିବାର ବହୁ ପୂର୍ବରୁ ସୈନ୍ୟ ବିଭାଗର କୌଣସି ଡ଼ାକ୍ତରଙ୍କର ପ୍ରେମରେ ପଡ଼ିଥିଲା ଏବଂ ଶେଷ ପର୍ଯ୍ୟନ୍ତ ସୁଚରିତା ସମ୍ଭବତଃ ତାଙ୍କୁହିଁ ବିବାହ କରିଥିଲା ।

କଥାର ସ୍ରୋତ ବଦଳାଇ ଦେବାକୁ ଯାଇ ରମେଶ କହିଲା—ଆପଣ ଯାଇ ଅନୁସନ୍ଧାନ କରନ୍ତୁ । ଲାସକୁ ଠିକ ଭାବେ ଚିହ୍ନଟ କରନ୍ତୁ । ଯଦି ପ୍ରକୃତ ସେ ଏଇ ସୁଚରିତା ହୋଇଥାଏ, ତାହେଲେ······

ରମେଶ ଆଉ କଥା କହିପାରିଲାନି । ତାର ଗଳା ବାଷ୍ପରୁଦ୍ଧ ହୋଇ ଆସିଲା ।

## ତିନି

ସୁଚରିତାର ଭାବନା ରମେଶଙ୍କୁ କ୍ଷିପ୍ର କରି ତୋଳିଛି ହୁଏତ ସୁଚରିତା ପ୍ରତି ସେ ଚରମ ଅନ୍ୟାୟ କରିଛି, ମା'ଙ୍କର ଅନ୍ତିମ କାମନାକୁ ଅବମାନନା କରି ସେ ସୁଚରିତାକୁ ହୁଏତ ଏଇ କଳୁଷିତ ମୃତ୍ୟୁ ମୁଖକୁ ଟାଣି ଆଣିଛି ।

ହୋଟେଲ୍‌ରେ ସାଧନା ଅପେକ୍ଷା କରି ବସିଛି । ରମେଶଙ୍କ ଚେହେରା ଓ ଭାବଭଙ୍ଗୀ ଦେଖି ବନାନୀ ଶଙ୍କିତା ହୋଇ ଉଠିଲା । ରମେଶ ଫ୍ୟାନ୍‌ର ବେଗ ବଢ଼ାଇ ଦେଇ ଗୋଟାଏ ଚୌକି ଟାଣି ବସି ପଡ଼ିଲା ସାଧନା ସାମନାରେ ।

"ମୋତେ ରାସ୍ତାରେ ଠିଆକରି କୁଆଡ଼େ ଚାଲିଗଲ ତୁମେ ?"

ବନାନୀ ଜୋର କରି କଥା ଆରମ୍ଭ କଲା ।

—କାହିଁକି ? ତମର କିଛି ଅସୁବିଧା ହେଲା ନା କଣ ? ଗମ୍ଭୀର ଭାବରେ ପଚାରିଲା ରମେଶ ।

—ନାଁ ଗୋ ନାଁ ମୋ ପାଇଁ ନୁହେଁ ଗେହ୍ଲେଇ ହୋଇ କହିଲା ସାଧନା—ଖରାରେ ଦୁ ଘଣ୍ଟା ହେଲା ସିଟି ତମର ଦେହ ମୁହଁ

କଣ ହେଲଣି ଦେଖିଲ । ନିଜ ଦେହର ଯନ୍ତ୍ରଣା ନେଇ ସବୁବେଳେ ଏମିତ ଘୁରି ବୁଲିଲେ……

ସାଧନା ର କଥାରେ ବାଧାଦେଇ ରମେଶ କହିଲା—ତମେ ସେ ଦୃଶ୍ୟ ନ ଦେଖି ଭଲ କରିଚ ସାଧନା…ଦେଖିଥିଲେ ହୁଏତ ନିଜକୁ ସମ୍ଭାଳିବା ତମ ପକ୍ଷରେ କଷ୍ଟକର ହୋଇ ଥାଆନ୍ତା ।

"ଓଃ" ହାଲୁକା ଭାବରେ ରମେଶର କଥା ଉଡ଼ାଇ ଦେବାକୁ ଯାଇ କହିଲା ସାଧନା "ତମେ ତା ହେଲେ ସେଇ ଆତ୍ମହତ୍ୟା ପଛରେ ଏତେବେଳ ଯାଏ ଘୁରି ବୁଲୁଥିଲ ।

—ଆତ୍ମହତ୍ୟା ନୁହେଁ ସାଧନା, ପ୍ରିଭମତ ହତ୍ୟା… A planed murder ଆଉ ତମେ ଶୁଣି ହୁଏତ ଆଶ୍ଚର୍ଯ୍ୟ ହେବ ସାଧନା, ସୁବର୍ଣ୍ଣଟି ମୋର ପରିଚିତା ।

—ପରିଚିତା । ଆଶ୍ଚର୍ଯ୍ୟରେ ଭ୍ରୂ ଟେକି ପଚାରିଲା ସାଧନା—କଏ ଶୁଣେ ?

—ତମେ ତାଙ୍କୁ ଚିହ୍ନି ପାରିବନି, ନା… ନାଁ ତମେ ସୁଚରିତାକୁ ଚିହ୍ନି ପାରିବନି… ଉତ୍ତେଜିତ ଭାବରେ କହିଲା ରମେଶ ।

ସୁଚରିତା ନାଁ ଶୁଣି ସାଧନାର ମୁହଁ ଶେତା ପଡ଼ିଗଲା । କିନ୍ତୁ ସାଙ୍ଗେ ସାଙ୍ଗେ ନିଜକୁ ସମ୍ବରଣ କରି ପଚାରିଲା—କାହିଁ କେବେହେଲେ ତ ତମେ ମତେ ଏଇ ସୁଚରିତାଙ୍କ ବିଷୟରେ କିଛି କହିଥିଲ ପରି ମନେ ପଡ଼ୁନାହିଁ । କି କେବେ ତ ସେ ଆମ ଘରକୁ ଆସି ନାହାନ୍ତି ।

—ସେ ସବୁର ପ୍ରୟୋଜନ ହୋଇନାହିଁ ସାଧନା ! ଛୋଟିଆ ଉତ୍ତରଟିଏ ଦେଇ ବସି ରହିଲା ରମେଶ ।

—ତାଙ୍କ ସାଙ୍ଗରେ ତମର ସଂପର୍କ ? ?

—କୌଣସି ପ୍ରକାରର ଘନିଷ୍ଠ ସମ୍ବନ୍ଧ ମୋର ନଥିଲା ସୁଚରିତା ସାଙ୍ଗରେ । ତମର ହୁଏତ ବିଶ୍ୱାସ ହେବନି ସାଧନା, ତା ସାଙ୍ଗରେ ଏ ପର୍ଯ୍ୟନ୍ତ କେବଳ କେବଳ ମୋର ଥରେ ମାତ୍ର ଦେଖା ହୋଇଚି ଏବଂ ତା ମଧ୍ୟ କେବଳ ୧୦।୧୫ ମିନିଟ୍ ପାଇଁ ।

—ଓ, ତା ହେଲେ ଏମିତ ଜଣାଶୁଣା ଖାଲି ! ହାଲୁକା ଭାବରେ କହିଲା ସାଧନା ।

ରମେଶ ଭାବୁଥିଲା ସୁଚରିତା କଥାଶୁଣି ହୁଏତ ସନ୍ଦେହୀ ହୋଇ ଉଠିବ ସାଧନା । ହୁଏତ ତିକ୍ତତା ଜମି ଉଠିବ ତା' ମନ ଭିତରେ । କିନ୍ତୁ ସୁଚରିତାର ଭାବଭଙ୍ଗୀ ଓ କଥାଭଙ୍ଗୀରୁ ସେ ସବୁ କିଛି ଜଣା ପଡୁନି । ସେ ବେଶ ସହଜ ଓ ଲଘୁ ଭାବରେ ଜିନିଷଟାକୁ ଗ୍ରହଣ କରିଚି ।

ଦ୍ୱାରଦେଶରେ କାହାର ଡାକିବାର ଅବାଜ ଶୁଣି ରମେଶ ବାହାରକୁ ଆସିଲା ।

—ଅପଣଙ୍କୁ ଅଜଥରେ ବିରକ୍ତ କରିବାକୁ ଆସିଲି ସାର୍ —ଅରେ, ଅରେ, ମୋଟେ ନୁହେଁ ମୋଟେ ନୁହେଁ, ବସନ୍ତୁ” ଗୋଟାଏ ଚୌକି ଟାଣି ବସିସାର ମହେଶ କହିଲା—ଅପଣଙ୍କ କଥା ଠିକ୍ ସାର୍, ମୁଁ ଏଇ ସାଙ୍ଗେ ସାଙ୍ଗେ ପୋଷ୍ଟମର୍ଟମ ଥିଏଟରରୁ ଅସୁଚି ।

ଅଗ୍ରହରେ ପଚାରିଲା ରମେଶ—ହିଁ କଣ କିଛି ପାଇଲେ । —ପୋଷ୍ଟମର୍ଟମ ଅହୁରି ସରିନାହିଁ ସାର୍, ମୁଁ କେବଳ ସୁଚରିତାଙ୍କର ଅଖିର ସେହି ତଳ ଚାହାଣିଟା ଦେଖିବାକୁ ଯାଇଥିଲି ।

ରମେଶ ପୁଣି ଥରେ ଉତ୍ତେଜିତ ହୋଇ ଉଠିଲା । ସୁଚରିତାର ଚେହେରା ଭାସି ଉଠିଲା ତା ଆଖି ଆଗରେ । ଆବେଗଭରା କଥାରେ ସେ ପଚାରିଲା···ଆପଣ ଠିକ୍ ଦେଖିଲେ ତ ମହେଶବାବୁ ।

—ହଁ ସାର୍, ମୁଁ ନିଜେ ଦେଖି ଆସିଲି । ବସିଥିବା ଚୌକିରୁ ଏକପ୍ରକାର ଡେଇଁପଡ଼ି ରମେଶ ତଳମହଲା ସିଡ଼ି ଆଡ଼କୁ ଚାଲିଲା ।

—ଆସନ୍ତୁ ମହେଶବାବୁ, ମୁଁ ଥରେ ଦେଖିଆସେ ସୁଚରିତାକୁ
ମହେଶଙ୍କୁ ଅପେକ୍ଷା ନକରି ରମେଶ ତରତରରେ ସିଡ଼ି ତଳକୁ ଓହ୍ଲାଇଗଲା ଉନ୍ମାଦପରି ।

ପୋଷ୍ଟମର୍ଟମ ଟେବୁଲ୍ ଉପରେ ଶୋଇ ରହିଛି ସୁଚରିତା ହୁଏତ ଅସ୍ତ୍ରାଘାତରେ ତାର କମନୀୟ ଚେହେରା ଏହା ଭିତରେ ବିକଳାଙ୍ଗ ହୋଇ ଯାଇଛି । ଧଳାରଙ୍ଗର ଚାଦର ତଳେ ଘୋଡ଼ି ହୋଇ ରହିଛି ତାର କମନୀୟ ରୂପଶ୍ରୀ······

ପାଗଳଙ୍କ ପରି କ୍ଷିପ୍ର ଗତିରେ ଭିତରକୁ ପଶି ଆସିଲା ରମେଶ···ଶବର ମୁହଁରୁ ଚାଦର କାଢି ଦେଇ ସେ ସୁଚରିତାର ଶୀତଳ ଓ ବିବର୍ଣ୍ଣ ଗଣ୍ଡରେ ଗୋଟାଏ ନିବିଡ ଚୁମ୍ବନ ଅଙ୍କି ଦେଇ ଭୂଇଁ ଉପରେ ଲୋଟି ପଡ଼ିଲା । ମହେଶ ବିହ୍ୱଳିତ ହୋଇଗଲା । ଏ ଦୃଶ୍ୟ ଯେତିକି କରୁଣ ତାଠାରୁ ବେଶୀ ଅସହ୍ୟ ସେ ରମେଶକୁ ଟେକିଧରି କହିଲା—ଆପଣ ହୋଟେଲକୁ ଫେରି ଚାଲନ୍ତୁ ସାର୍ ।

ମହେଶର ବେକ ଉପରେ ମୁହଁ ଥାପି ରମେଶ ଶୂନ୍ୟ ଦୃଷ୍ଟିରେ ଚାହିଁ ରହିଲା ସୁଚରିତାର ଶବ ଆଡ଼େ ।

—ସାର୍……ରମେଶଙ୍କୁ ହଲାଇ ଦେଇ ଡାକିଲା ମହେଶ… ଆପଣ ଏମିତି ସଂଯମ ହରାଇ ବସିଲେ ହେବନି ସାର୍ ।

ପୋଷ୍ଟମର୍ଟମ ଥିଏଟରର ଷ୍ଟ୍ରେକଦାର ଓ ମେହେନ୍ତର ଏସବୁ ଦେଖି ଅବାକ୍‌ବା ହୋଇ ଗଲେଣି ।

—ବାବୁ, ପାଣି ଦେବ ଷ୍ଟ୍ରେକ୍‌ଦାର ପଚାରିଲା—ମହେଶ ରମେଶଙ୍କୁ ଏକ ପ୍ରକାର ଟାଣିନେଇ ଘର ଭିତରୁ ବାହାରକୁ ବାହାରି ଆସିଲା । ଏମିତି ପରିସ୍ଥିତିରେ ହୁଏତ ରମେଶର ହାର୍ଟଫେଲ ହୋଇ ଯାଇପାରେ । ବଡ଼ ଶଙ୍କିତ ହୋଇ ଉଠିଲା ମହେଶ । ରମେଶର ଛାତି ଧାଇଁ ଧାଇଁ ହୋଇ ପଡୁଚି । ମୁହଁ ରଙ୍ଗା ପଡ଼ି ଯାଇଚି । ଶୀର୍ଣ୍ଣ ଶରୀର ଭିତରେ ରକ୍ତର ବେଗ ବଢି ଉଠିଚି ।

ଛଟିପିଟି ମହେଶର ବାହୁ ବନ୍ଧନରୁ ମୁକ୍ତ ହୋଇ ରମେଶ ପ୍ରଳାପ କରି ଉଠିଲା—ମତେ ଛାଡ଼ ଦିଅ ମହେଶ ବାବୁ । ସୁଚରିତାକୁ ଥରେ ତନ୍ମୟ ଭାବରେ ଦେଖି ମତେ ଜୀବନରେ ଟିକିଏ ଶାନ୍ତି ପାଇବାକୁ ଦିଅ ।

ପୁଣି ଥରେ ଛୁଟିଗଲା ରମେଶ ପୋଷ୍ଟମର୍ଟମ ଘର ଭିତରକୁ ଉଚ୍ଛ୍ୱସିତ ଭାବରେ ସୁଚରିତାର ଶୀତଳ ପାଦଟିଏ ଟାଣି ଆଣି ଲେପି ଦେଲା ଗୋଟିଏ ନିବିଡ଼ ଚୁମ୍ବନ । ଶ୍ରାବଣର ଅଶ୍ରାନ୍ତ ବର୍ଷା ପରି ଆଖି ଦୁଇଟାରୁ ତାର ଝରି ପଡ଼ିଲା ଲୁହର ଅଜସ୍ର ଧାର ।

ମହେଶ ନିର୍ବାକ ବିସ୍ମୟରେ ଗୁହାଁ ରହିଥିଲା… ଚଳଚିତ୍ରର ଦୃଶ୍ୟଠାରୁ ଅଧିକ କ୍ଷିପ୍ରଗତିରେ ତା'ର ଆଖି ସାମନାରେ ଏକ କରୁଣାନ୍ତକ ଘଟଣାର ପୃଷ୍ଠା ଓଲଟି ଯାଉଚି । ଅନୁଭବ କରୁଥିଲା ସେ—ସତ୍ୟକୁ ଫାଙ୍କି ହେବନି, ଯୋଡ଼ାଇ ହବନି ମିଥ୍ୟା ଓ ମାୟାର ଆବରଣରେ । ଅସତ୍ୟ ବିରୁଦ୍ଧରେ ଦିନେ ନା ଦିନେ

ବିଦ୍ରୋହୀ ହୋଇ ଉଠିବ ମଣିଷର ପବିତ୍ର ଅସ୍ମିତା । ଆଜି ରମେଶର ସେଇଆ ହୋଇଛି···ସବୁ ପ୍ରବଞ୍ଚନା ଉପରେ ତାର ପବିତ୍ର ଅସ୍ମିତା ଚିତ୍କାର କରି ଉଠିଛି ।

ବାହାରକୁ ବାହାରି ଆସିଲା ରମେଶ···

ବଞ୍ଚିଥିଲାବେଳେ ଯାହାର ସମ୍ମାନ କରି ପାରିଲିନି ମରିଲା ପରେ ତା ଲାଗି ଏତେ ମମତା ମୋର ଜାଗି ଉଠିଲା କାହିଁକି ମହେଶ-ବାବୁ ? ବାଟ ଚାଲୁ ଚାଲୁ ହତାଶର ଏକ ଦୀର୍ଘ ନିଃଶ୍ୱାସ ପକାଇ ପଚାରିଲା ରମେଶ ।

—ମଣିଷର ଅବଚେତନ ତଳର ସଂଯୋଗ ଏମିତି ହେଇ ଉଠେ ସାର । ଆପଣ ମତେ ନ କହିଲେ ବି, ମୁଁ ଠିକ୍ ଅନୁମାନ କରି ପାରୁଛି ସୁଚରିତାଙ୍କର ସାଙ୍ଗରେ ଆପଣଙ୍କର ସଂପର୍କ କେବଳ ଥରେ କରି ଦେଖା ନୁହେଁ ବା ଘଣ୍ଟାକର ଆଳାପ ନୁହେଁ, ତାଠୁଁ ଅଧିକ ନିବିଡ଼ତମ ଓ ପ୍ରାଣମୟ ।

—ହଁ···ସେ ସଂପର୍କ ରକ୍ତର···ସେଇଥିପାଇଁ ତ ମନ ଏତେ ତରଳି ଯାଉଛି ମହେଶ ବାବୁ । ଆଜି ମୋର ଏଇ ମାନସିକ ବ୍ୟାଧିଟା ବୋଧହୁଏ ସେଇ ବ୍ୟଥାଙ୍କୁରର ଏକ ପରିଣତ ବୃକ୍ଷ । ବ୍ୟଥିତୁର କଥାରେ କହିଲା ରମେଶ—ଶୁଣନ୍ତୁ ସେ କଥା···ଭସ୍ମୀଭୂତସ୍ୟ ଦେହସ୍ୟ ପୁନରାଗମନଂ କୁତଃ···ଯେତେ ଭାବିଲେ ବି ସୁଚରିତା ଆଉ ଜୀଇ ଉଠିବ ନାହିଁ ।

ରମେଶକୁ ସାନ୍ତ୍ୱନା ଦେଇ ପ୍ରକୃତିସ୍ଥ କରିବାକୁ ମହେଶର କଥା ନଥିଲା । ବକ୍ସାରେ ପାଖା ପାଖି ବସି ସେ କେବଳ ରମେଶ ମନର ବ୍ୟର୍ଥତା ଓ ନୈରାଶ୍ୟକୁ ଅନୁଭବ କରିବାକୁ ଚେଷ୍ଟା କରୁଥିଲା । ଦକ୍ଷ ଗୋଇନ୍ଦା ରମେଶ ସରକାରର ହୃଦୟ ଆଜି

କୁଟୀଳ ଓ ଦୁର୍ଭେଦ୍ୟ ହୋଇ ନାହିଁ···ତାହା କଲୁଷିତ ହୋଇ ଉଠିଛି । ଏପରି ଅବସ୍ଥାରେ ରମେଶ ଠାରୁ ଅନେକ କଥା ଅସୁଲ କରିପାଇ ପାରେ···ଅନେକ ତଥ୍ୟ ତା ଠାରୁ ମିଳିପାରେ ଭବିଷ୍ୟତ ଉପରେ ଆଲୋକପାତ କରିବାକୁ, କିନ୍ତୁ ମହେଶର କିଛି ପଚାରିବାକୁ ସାହସ ହେଲା ନାହିଁ ।

ହୋଟେଲର କୋଠରୀଭିତର ପର୍ଯ୍ୟନ୍ତ ରମେଶକୁ ପହଞ୍ଚାଇ ଦେଇ ସେ ଫେରି ଆସିଲା । ହୋଟେଲରେ ସେ ରମେଶର ସ୍ତ୍ରୀ ସାଧନାକୁ ଦେଖିବାକୁ ପାଇଲା ନାହିଁ । ହୁଏତ ରମେଶ ପଛେ ପଛେ ସେ ବାହାରି ଯାଇଚନ୍ତି ।

"ମହେଶବାବୁ !"

ପଛକୁ ଚାହିଁଲା ମହେଶ ।

ସାଧନା ପାଖକୁ ଲାଗି ଆସି କହିଲା ନମସ୍କାର, ମତେ ଚିହ୍ନି ପାରୁଥିବେ ବୋଧହୁଏ, ସକାଳେ ଦେଖା ହୋଇଥିଲା ଆପଣଙ୍କ ସାଙ୍ଗରେ ।

—ହଁ, ବେଶ୍ ଚିହ୍ନିପାରୁଚି, ସାଧନା ଦେବୀ । ମୁଁ ରମେଶ ବାବୁଙ୍କୁ ବର୍ତ୍ତମାନ ହୋଟେଲରେ ଛାଡ଼ି ଆସୁଚି । ସେଠି ଆପଣଙ୍କ ସାଙ୍ଗରେ ଦେଖାହେବ ବୋଲି ଭାବିଥିଲି ।

ମହେଶର କଥାରେ ବାଧା ଦେଇ ସାଧନା କହିଲା—ମୁଁ ତାଙ୍କର ଏପରି ଅବସ୍ଥା ଦେଖି ବାସ୍ତବିକ୍ ବଡ଼ ଡ଼ରି ଯାଇଛି, ମହେଶବାବୁ । ଡାକ୍ତରଙ୍କ ସାଙ୍ଗରେ ପରାମର୍ଶ କରି ବର୍ତ୍ତମାନ ଫେରୁଚି ।

"ବାସ୍ତବିକ୍ ରମେଶବାବୁଙ୍କ ମାନସିକ ଅବସ୍ଥା ବିଶେଷ

ଖରାପ···ଏକ ପ୍ରକାର ଉଦ୍‌ବେଗଜନକ କହିଲେ ଚଳେ । ଗମ୍ଭୀର ଭାବରେ କହିଲା ମହେଶ ।

ଗୋଟିଏ ଦୀର୍ଘନିଶ୍ୱାସ ପକାଇ ସାଧନା କହିଲା—ସବୁ ଭାଗ୍ୟ ମହେଶ ବାବୁ, ଭାବିଥିଲି ଏ ଦାନ କେନ୍ଦ୍ରଟାରେ ନିର୍ଜନ ଅବସର ଭିତରେ ରମେଶବାବୁ ବେଶ୍ ସୁସ୍ଥ ହୋଇ ଉଠିବେ; କିନ୍ତୁ ଭଗବାନଙ୍କର ବିଧାନ ଅନ୍ୟରକମର ।

ଆପଣ ଏପରି ବ୍ୟସ୍ତ ହୋଇ ପଡୁଚନ୍ତି କାହିଁକି ସାଧନାଦେବୀ। ଚିହ୍ନା ପରିଚୟ ଭିତରେ ଏ ପ୍ରକାର ଗୋଟାଏ ଦୁର୍ଘଟଣା ଘଟିଲେ ମନରେ ଧକ୍‌କା ଲାଗେ । ଆଉ ସେଇଥି ହୋଇଚି ରମେଶ ବାବୁଙ୍କର । ଦାନ ଦ ଉନ୍ନାଟାରେ ସେ ସବୁ କୁଅଭ୍ୟାସ କଟିଯିବ··· ଆଶ୍ୱାସନା ଦେବାକୁ ଯାଇ ମହେଶ କହିଲା ।

ଠିକ୍ କଥା···ଆପଣ ଚିହ୍ନି ନାହାନ୍ତି ରମେଶବାବୁଙ୍କୁ । ସେ ବଡ଼ ଭାବ ପ୍ରବଣ ଥିଲେ ତାଙ୍କ ମନ ଉପରେ ଦାଗ ପଡ଼ିଗଲେ ତାକୁ ପୋଛି ନିଶ୍ଚିହ୍ନ କରିବା ଏକ ପ୍ରକାର ଅସମ୍ଭବ କହିଲେ ଚଳେ ।

ମୁଁ ମଧ୍ୟ ଆଜି ରମେଶବାବୁଙ୍କର ବ୍ୟବହାର ଦେଖି ଅବାକ୍ ହୋଇଚି ସାଧନାଦେବୀ ସୁଚରିତାଙ୍କୁ ଚିହ୍ନି ସାରିଲା ପରେ ସେ ଯେ ଏତେ ବିହ୍ୱଳ ଓ ଉନ୍ମାଦ ହୋଇ ଉଠିବେ ଏଇଟା ମୋ ଧାରଣାର ସମ୍ପୂର୍ଣ୍ଣ ବାହାରେ । ଏପରି ଭାବ ପ୍ରବଣ ହୃଦୟ ନେଇ ସେ ଯେ କପରି ଏତେବଡ଼ ଗୁଣ୍ଡା ହୋଇ ଉଠିଚନ୍ତି ତା ମଧ୍ୟ ଆଶ୍ଚର୍ଯ୍ୟର ବିଷୟ । କଥାର ସ୍ରୋତ ବଦଳାଇ ଦେଇ ମହେଶ ସାଧନାର ମୁହଁ ଉପରେ ତୀକ୍ଷଣ ଦୃଷ୍ଟି ରଖି ପଚାରିଲା—ଅଚ୍ଛା ସାଧନା ଦେବୀ ଆପଣଙ୍କର ସ୍ୱାମୀଙ୍କର ଅନ୍ତରଙ୍ଗ ଏବଂ ସୁଚରିତାଙ୍କ ସାଙ୍ଗରେ ଆପଣଙ୍କର ପରିଚୟ ଥିବ ନିଶ୍ଚୟ ।

ସାଧନାର ବାକ୍‌ରୁଦ୍ଧ ହୋଇ ଆସିଲ·····ମୃଦ ଶେତା ପଡ଼ିଗଲା । ଚେଷ୍ଟାପଚେ କ ସେ କହିଲ—ନାଁ···

—ତେବେ, ଅକସ୍ମିକ ଭାବରେ ଥରେ ହଥର ଦେଖା ହୋଇଥିବ ନିଶ୍ଚୟ । ନିଜର ଦୁର୍ବଳତାକୁ ଲୁଗୁଇବାକୁ ଯାଇ ସାଧନା କହିଲା—ହଁ, ଥରେ ମାତ୍ର ଦେଖ ହୋଇଛି ମୋର ତାଙ୍କ ସାଙ୍ଗରେ ।

ଏଇ ସୁଯୋଗକୁ ଯେପରି ଅପେକ୍ଷା କରି ରହିଥିଲ ମହେଶ । ଜ୍ବରଫୁଲ ଭାବରେ ସେ କହିଲା—ଆପଣ ଯଦି କିଛି ମନେ ନ କରନ୍ତି ସାଧନା ଦେବୀ, ମତେ ଅନୁଗ୍ରହ କରି କେତୁଟା ପ୍ରଶ୍ନର ଉତ୍ତର ଦେବେ ?

—"ପଗ୍ଧରନ୍ତୁ" ସ ଧନା ନିଲିପ୍ତ ଭାବରେ କହିଲା ।

—କେଉଁ ପରିସ୍ଥିତିରେ ଓ କେବେ ଆପଣଙ୍କର ଦେଖା ହୋଇଥିଲ ସୁରଜିତାଙ୍କ ସାଙ୍ଗରେ ।···ସେ ଅନେକ ଦିନ ତଳର କଥା ମହେଶ ବାବୁ···ମୋର ବିଭାଘରର ପ୍ରାୟ ଛ'ମସ ପରର କଥା—ରମେଶ ବାବୁଙ୍କର ସୁନାମ ଓ ଖ୍ୟାତି ସେତେବେଳେ ଖାଲି କଲିକତା ସହରରେ ନୁହେଁ ଦେଶ ସାରା ଗୃହଅଙ୍ଗେ ବ୍ୟାପି ଯାଇଥାଏ···ଭାର୍ଗ୍ୟାଲ ସନ୍ନ୍ୟାସୀ କେଶ୍‌ରେ ନିପୁଣତା ପାଇଁ ଭାରତବର୍ଷର ପ୍ରତ୍ୟେକଟି ଖବରକାଗଜ ତାଙ୍କର ପ୍ରଶଂସାରେ ଉଚ୍ଛ୍ୱସିତ ହୋଇ ଉଠିଥାଏ । ରମେଶ ବାବୁ ଅଫିସ କାମ ସାରି ଘରକୁ ଅନେକ ରାତିରେ ଫେରନ୍ତି; ଦିନେ ଦିନେ ଏପରିକି ଲଗାଏତ ଦୁଇ ତିନିଦିନ ପର୍ଯ୍ୟନ୍ତ ସେ ଘରକୁ ଫେରନ୍ତି ନାହିଁ ।

ଗୋଇନ୍ଦା ଓ ପୋଲିସ କାମରେ ଏଇଟା ଅତି ସାଧାରଣ ବ୍ୟାପାର, ସାଧନା ଦେବୀ ।

ମୋର ମନ କିନ୍ତୁ ଏ ସବୁ ବୁଝିଲା ନାହିଁ । ମୋର ମନେ ହେଲା ଯେପରି ରମେଶ ବାବୁ ମୋତେ ଉପେକ୍ଷା କରୁଛନ୍ତି । ତାଙ୍କର ଗତିବିଧି ଲକ୍ଷ୍ୟ କରିବାକୁ ମୋ ମନରେ ପ୍ରବଳ ଆଗ୍ରହ ହେଲା । ଦିନେ ସତକୁ ସତ ରାତି ଏଗାରଟା ବେଳେ ମୁଁ ତାଙ୍କ ଅଫିସ୍‌କୁ ଗଲି ।

ତା ପରେ—ଆଗ୍ରହରେ ପଚାରିଲି ମହେଶ ।

ଅଫିସ ବାହାରୁ ଜଣେ ସ୍ତ୍ରୀ ଲୋକଙ୍କ ସାଙ୍ଗରେ ରମେଶ ବାବୁଙ୍କର କଥା ହେଉଥିବାର ମୁଁ ସ୍ପଷ୍ଟ ଶୁଣିପାରିଲି । ଆଗ୍ରହରେ ମୁଁ କାନେଇ ରହିଲି ଓ ଶୁଣିବାକୁ ପାଇଲି ନାରୀ-କଣ୍ଠର ନିବେଦନ—ମୁଁ ଆପଣଙ୍କର ଦୟାର ପାତ୍ରୀ ହେବାକୁ ଚାହେଁନା ରମେଶ ବାବୁ ବା ଧୃତୋର ଦାନ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ । ରମେଶ ବାବୁ ସେତେବେଳେ ତାଙ୍କୁ ଶାନ୍ତ୍ୱନା ଦେବାକୁ ଯାଇ କହିଲେ—ଅତୀତର କଥାସବୁ ଭୁଲିଯାଅ ସୁଚରିତା, ମୋତେ କ୍ଷମା କରି ତୁମେ ଏଠୁ ଚାଲିଯାଅ ।

ବାହାରେ ଏକୁଟିଆ ଠିଆହୋଇ ଅଧିକ କିଛି ଶୁଣିବାକୁ ମୋର ସାହସ ହେଲାନି । ସିଡ଼ିଦେଇ ମୁଁ ତଳକୁ ଓହ୍ଲାଇ ଆସିବା ଭିତରେ କ୍ରୁଦ୍ଧ ନାଗୁଣୀ ପରି ଖରଶ୍ୱାସ ପକାଇ ଯେଉଁ ତରୁଣୀଟି ମୋ ଦେହରେ ଘସିହୋଇ କ୍ଷିପ୍ର ବେଗରେ ଓହ୍ଲାଇଗଲା ମୁଁ ବୁଝିଲି ସେହି ସୁଚରିତା……… । ଇଲେକ୍‌ଟ୍ରିକ୍ ଆଲୋକର ପ୍ରାଚୁର୍ଯ୍ୟ ଭିତରେ ସେଦିନ କେବଳ ଥରକ ଲାଗି ମୁଁ ଯାହା ସୁଚରିତାକୁ ଦେଖିଥିଲି ।

ତା ପରେ ଆପଣ କଣ ସୁଚରିତାଙ୍କ ବିଷୟରେ ରମେଶ ବାବୁଙ୍କୁ କିଛି ପଚାରି ନାହାନ୍ତି ସାଧନା ଦେବୀ ?

ନାଁ, ଇଚ୍ଛା ଥିଲେବି ସେ କଥା ପଚାରିବାର ସାହସ ମୋର ହୋଇନାହିଁ, ଅସଲ କହିବାକୁ ଗଲେ ରମେଶ ବାବୁଙ୍କୁ ମୁଁ ବଡ଼ ଭୟ କରେ···ତାଙ୍କର ଉଦାସୀନତା ଓ ଗାମ୍ଭୀର୍ଯ୍ୟ ତଳେ ମୁଁ ପ୍ରକୃତ ରମେଶ ବାବୁଙ୍କ ସ୍ୱରୂପ ଦେଖିବାକୁ ଚେଷ୍ଟା କରିଛି, କିନ୍ତୁ ସବୁଥର ସେ ମୋ ପାଖରେ ଦୁର୍ବୋଧ ହୋଇଚନ୍ତି ।

ଆପଣଙ୍କର ବିଭାଘର ହେବାର କେତେବର୍ଷ ହେବ ସାଧନା ଦେବୀ ।

ପୂରାବର୍ଷେ କେତେମାସ ହେବ । ଟିକିଏ ରହି ସାଧନା କହିଲା—ମୁଁ ଯେବେ ଯାଏ, ମହେଶ ବାବୁ ।

ଶଙ୍କିତା ହୋଇ ଉଠିଛି ସାଧନା······ଭାବ ଭଙ୍ଗୀରୁ ମହେଶ ବେଶ୍ ଲକ୍ଷ୍ୟ କରିଛି ସାଧନାର ମନ ଭିତରେ ପ୍ରବଳ ଝଡ଼ ଉଠିଛି ।

ମୋର କିନ୍ତୁ ଆପଣଙ୍କୁ ପଛରୁ ଡାକି ରାସ୍ତା ଉପରେ ଅଟକେଇବା ପଛରେ ଅନ୍ୟ ଉଦ୍ଦେଶ୍ୟ ଥିଲା ମହେଶ ବାବୁ ।

"କାହିଁ ତା କିଛି କହିଲେନି ତ" ଟିକିଏ ହସି କହିଲା ମହେଶ ।

ମୋର ବଦ୍ଧମୂଳ ଧାରଣା ସୁଚରିତା ଆତ୍ମହତ୍ୟା କରିଛି । ବିଶେଷତଃ ମୋଠାରୁ ତା ବିଷୟରେ ଏ ଭୂମିକାଟା ଶୁଣିସାରିଲା ପରେ ଆପଣ ମୋ ସହିତ ଏକମତ ହେବେ ବୋଧହୁଏ ।

କିନ୍ତୁ ଆପଣଙ୍କଠାରୁ ଏ ସବୁ ଶୁଣିବା ଆଗରୁ ମୋର ମଧ୍ୟ ଆଶା ହୋଇଥିଲା, ସୁଚରିତା ଆତ୍ମହତ୍ୟା କରିଛି । ମାତ୍ର ରମେଶ ବାବୁଙ୍କର ମତ ଅନ୍ୟରକମର, ଏବଂ ଏ ବ୍ୟାପାରଟା

ପଛରେ ଲାଗି ରହିବାର ଅଦମ୍ୟ ଅଗ୍ରହ ତାଙ୍କର । ତାଙ୍କପରି ଜଣେ ଉଚ୍ଚକୋଟିର ଗୋଇନ୍ଦାଙ୍କ ଇଙ୍ଗିତ ଉପେକ୍ଷା କରିବା କେବଳ ମୋ ପାଖରେ ଧୃଷ୍ଟତା ହେବ ।

ସାଧନାର ମୁହଁ ଶୁଖି କଳାପଡ଼ିଗଲା । କିନ୍ତୁ ନିଜକୁ ମୁହୂର୍ତ୍ତିକ ଭିତରେ ସଂଯତ କରିନେଇ ସେ ହାଲୁକାଭାବରେ କହିଲା—ସବୁବେଳେ ଅପରାଧ ଭିତରେ ଘାଣ୍ଟିଚକଟି ହୋଇ ତାଙ୍କ ମନ ଅପରାଧୀ ଓ ସନ୍ଦେହୀ ହୋଇ ଉଠିଛି ମହେଶବାବୁ । ନଚେତ୍ କୌଣସି ପ୍ରକାରର ପ୍ରମାଣ ଓ ତଥ୍ୟ ନଥାଇ ଏ ବ୍ୟାପାରଟାକୁ ହତ୍ୟା ବୋଲି ମନେ ମନେ ସାବ୍ୟସ୍ତ କରିବାରେ କୌଣସି ଯୁକ୍ତିଯୁକ୍ତତା ନାହିଁ ।

ତା ନାହିଁ ସତ, ତେବେ ହୁଏତ……

ମହେଶଙ୍କୁ କଥା କହିବାକୁ ନ ଦେଇ ସାଧନା କହିଲା—ମୋର ଏ ବିଷୟରେ ଆପଣଙ୍କୁ ବିଶେଷ କିଛି କହିବାର ଅଧିକାର ନାହିଁ । ତେବେ ଆପଣ ଦୟାକରି ଏ ବ୍ୟାପାରରେ ରମେଶବାବୁଙ୍କୁ ଭ୍ରମିତ ନ କଲେ ମୁଁ ଖୁସିହେବି ।

ସେ ଭୟ ଆପଣ ରଖନ୍ତୁ ନାହିଁ ସାଧନାଦେବୀ…ବିଶେଷ ଦରକାର ନ ପଡ଼ିଲେ ଆମେ ରମେଶବାବୁଙ୍କର ସାହାଯ୍ୟ ପାଇଁ ଆପଣଙ୍କର ଦ୍ୱାରସ୍ଥ ହେବୁ ନାହିଁ ।

ଉତ୍ତେଜିତ ଭାବରେ କହିଲା ସାଧନା—ମୋଠେ ଦ୍ୱାରସ୍ଥ ନ ହେବାହିଁ ଭଲ । ଏ ଇନ୍‌ସୋମାନିଆ ରୋଗରେ ତା କଲେ ଆପଣ ତାଙ୍କ ଉପରେ ଅତ୍ୟାଗ୍ରହ ମାନେ ସ୍ୱଭମତ ଝର୍ଣ୍ଣର କରିବେ ।

ବିଦାୟ ନମସ୍କାର ଜଣାଇ ସାଧନା କ୍ଷିପ୍ର ପଦରେ ଗ୍ଲିଗଲା । ମହେଶ ସ୍ତମ୍ଭିତ ହୋଇଗଲା ସାଧନାର ବ୍ୟବହାରରେ । ସେ ଠିଆହେବା ଜାଗାରୁ ଘୁଞ୍ଚିପାରିଲା ନାହିଁ । ଭାବର ବିଚିତ୍ର ଅଭିବ୍ୟକ୍ତି ଓ ସମାବେଶ ଫୁଟିଉଠିଥିଲା ସାଧନାର ମୁହଁରେ । କଥାବାର୍ତ୍ତା ଭିତରେ ଧାର ଥିଲେବି କୋମଳତା ଓ ଉଗ୍ର ପ୍ରଖରତା ଦୁଇଟିକୁ ସେ ଯେପରି ବୁଝିବାକୁ ଚେଷ୍ଟାକରି ବୁଝିପାରିନାହିଁ ।

ସନ୍ଦେହର ଦୋଳାରେ ଦୋହଲି ଉଠିଲା ମହେଶର ମନ

ସୁଚରିତାର ମୃତ୍ୟୁ ବାସ୍ତବିକ୍ ରହସ୍ୟମୟ । ଅଥ ସେହି ଅସ୍ପଷ୍ଟ ଅନାବୃତ ରହସ୍ୟର ଗୋଟାଏ ପାଖରେ ଯୋଗାକାନ୍ତ ରମେଶ ଓ ଅନ୍ୟ ପାଖରେ ରହିଲା ସାଧନା···ଦୁହିଁଙ୍କର ଭାବନା ବିଚିତ୍ର ଢଙ୍ଗରେ । ଏ ଦୁହିଁଙ୍କ ଭିତରେ ସଂଯୋଗ ସ୍ଥାପନ କରିପାରିଲେ ହୁଏତ ସୁଚରିତାର ମୃତ୍ୟୁ ରହସ୍ୟ ସ୍ପଷ୍ଟ ହୋଇ ଉଠିବ ।

# ଓ୍ୱର

ସୁଚରିତାଙ୍କୁ କେନ୍ଦ୍ର କରି ଘଟଣାଗୁଡ଼ିକ ଚଳଚିତ୍ରର ଦୃଶ୍ୟ ପରି ମହେନ୍ଦ୍ରଙ୍କର ଆଖି ସାମନାରେ ନାଚି ବୁଲୁଛି । ସେ ସବୁକୁ ଖେଳେଇ ଦେଖିବାର ସମୟ ସେ ଏପର୍ଯ୍ୟନ୍ତ ପାଇ-ପାରି ନାହିଁ । ଏକାନ୍ତରେ ଥାନା ଭିତରର ଅଫିସ୍ ଭିତରେ ବସି ଆଜି ସେ ସବୁଥିର ତର୍ଜମା କରି ବସିଛି । ମନ ଭିତରେ ଜାଗି ଉଠୁଥିବା ଅଜସ୍ର ପ୍ରଶ୍ନର ସେ ସମାଧାନ ଖୋଜି ବୁଲୁଛି ।

ରମେଶ ସରକାରଙ୍କ ପରି ଜଣେ ଦୁର୍ବୋଧ ଲୋକ କାହିଁକି ଏତେ ବ୍ୟାକୁଳ ହୋଇଉଠିଲେ ତା ପାଖରେ ଏବଂ ବିଶେଷ କରି ଗୋଟିଏ ହତ୍ୟା ମାମଲା ନେଇ ? ସେ ହୁଏତ ନିଶ୍ଚିତ ଭାବରେ ଜାଣନ୍ତି ଯେ ଏ ମାମଲାରେ ହାତ ଦେଲେ ସେ ନିଜେ ଗୁଡ଼େଇ ହୋଇଯିବେ । ସୁଚରିତା ସାଙ୍ଗରେ ତାଙ୍କର ନିଶ୍ଚୟ ଆହୁରି କିଛି ଅନ୍ୟ ଉକ୍ରମର ସଂବନ୍ଧ ଅଛି ଯେଉଁଥିପାଇଁ ସେ ଉନ୍ମାଦ ହୋଇ ଉଠିଛନ୍ତି ଏବଂ ଭବିଷ୍ୟତର ଅନାଗତ ବିପଦ ପ୍ରତି ଭ୍ରୂକ୍ଷେପ କରନାହାନ୍ତି । ସେ ସଂପର୍କ କଣ ହୋଇପାରେ ? ? ସୁଚରିତା ରମେଶଠାରୁ କୌଣସି ପ୍ରକାର ପୁରସ୍କାର ଦାନ ଗ୍ରହଣ କରିବାକୁ ରାଜି ନୁହେଁ କହି ସେ ଦିନ ଉତ୍ତେଜିତଭାବରେ ରମେଶ ଅଫିସରୁ ବାହାରକୁ ଆସିଲେ । ରମେଶ କଣ ଦେବାକୁ ଚାହୁଁଥିଲେ ସୁଚରିତାଙ୍କୁ ? ?

ସାଧନାର ବ୍ୟବହାର ଅଦ୍ଭୁତ ବଟେ; ସତେ କଣ କେବଳ ରମେଶର ସ୍ୱାସ୍ଥ୍ୟ ପାଇଁ ସେ ଏତେ କ୍ଷିପ୍ତା ହୋଇ ଉଠିଲା ? ସୁଚରିତାର ମୃତ୍ୟୁକୁ ଆତ୍ମହତ୍ୟା ବୋଲି ଜୋର ଦେଇ କହିବାରେ ଏବଂ ସେଥିପାଇଁ ପ୍ରମାଣ ଯୋଗାଇବାରେ ତାର ଏତେ ପ୍ରୟାସ କାହିଁକି ? ସାଧନାର ଏଇ ଅପ୍ରତ୍ୟାଶିତ ବ୍ୟବହାରରେ ସନ୍ଦେହ କରିବାର ଯଥାର୍ଥତା ଅଛି । କିନ୍ତୁ ଏ ସନ୍ଦେହର ପରିସମାପ୍ତି କେଉଁଠି ? ? ସମ୍ବଳ ତାର କାହିଁ ଏହା ପଛରେ ଗୋଡ଼େଇବାକୁ ?

ନୈରାଶ୍ୟରେ ଭାଙ୍ଗି ପଡ଼ିଲା ମହେଶ । ଅଜସ୍ର ଚିନ୍ତା ଓ ଭାବନା ଭିତରେ ତାର ମସ୍ତିଷ୍କ ଭାରାକ୍ରାନ୍ତ ହୋଇ ଉଠିଲା । ଥାନା ଘଣ୍ଟାରେ ବାଜିଲା ଆଠ । ମହେଶ ବାହାରକୁ ଯିବାକୁ ଉଠି ଠିଆ ହେଲା ।

ଆମର ସିଦ୍ଧାନ୍ତ ଠିକ ହୋଇଛି ସାର୍—ଧଇଁସଇଁ ହୋଇ ଦଉଡ଼ି ଆସିଛି ଯତୀନ୍ । ହାତରେ ତାର ଗୋଟାଏ କାଗଜର ପ୍ୟାକେଟ୍ ।

କଣ ପୁଣି ହେଲା ଯତୀନ୍, ତମ ହାତରେ ସେ କାଗଜର ବିଡ଼ାଟା କଣ ? ଗମ୍ଭୀର ଭାବରେ ପଚାରିଲା ମହେଶ ।

ପୋଷ୍ଟ ମର୍ଟମ ରିପୋର୍ଟ ସାର···ସୁଚରିତାର ପାକସ୍ଥଳୀରୁ ଆର୍ସେନିକ ପଏଜନ୍‌ର ସନ୍ଧାନ ମିଳିଛି ।

—ଓ, ସେଇଥିପାଇଁ ତମେ ଏତେ ଖୁସି । ଏଇଟା ତ ନିହାତ ମାମୁଲି କଥା, ଯତୀନ···ସୁଚରିତାକୁ ଯେ ହତ୍ୟା କରାଯାଇଛି ଏଇଟା ବର୍ତ୍ତମାନ ଆଉ ସନ୍ଦେହ କରିବାର ଅବସ୍ଥାରେ ନାହିଁ ।

—ତା ସତ ସବୁ···ମାନେ ଏଇ ଆର୍ସେନିକ ପଏଜନ୍ କଥା ଚିନ୍ତା କରନ୍ତୁ ଆପଣ । ଡାକ୍ତରଙ୍କ ମତ ଯେ ଖାଦ୍ୟ ସାଙ୍ଗରେ ଏ ବିଷ ନିୟମିତ ଭାବରେ ଅନ୍ତତଃ ଦି'ମାସ ଦିଆଗଲେ ଜଣେ ସୁସ୍ଥ ଲୋକର ମୃତ୍ୟୁ ହୋଇପାରିବ । ଆଉ ଏଇଟା ମଧ୍ୟ ସଙ୍ଗତ ବୋଲି ମନେ ହେଉଛି, କାରଣ ବେଶୀ ମାତ୍ରାରେ ଯଦି ଏକା-ଥରକେ ଏ ଶଙ୍ଖ ଅଧିକ ଦିଆଯାଇ ଥାନ୍ତା ତାହେଲେ ପାକସ୍ଥଳୀରୁ ସେଇ ବିଷର କେତେକାଂଶ ନିଶ୍ଚୟ ମିଳିଥାନ୍ତା···ମାନେ ଡାକ୍ତର ରିପୋର୍ଟରେ ଲେଖିଚନ୍ତି ବିଷର କେବଳ ସନ୍ଧାନ ମିଳୁଚି······

ଯତୀନ୍‌ର ଏଇ ସମୀକ୍ଷାକୁ ମନେ ମନେ ତାରିଫ୍ କଲେ ବି ମହେଶ ବିଶେଷ ଖୁସି ହେଲା ପରି ଜଣାପଡ଼ିଲା ନାହିଁ । ମୁହଁ ଉପରେ ତାର ପୂର୍ବର ସେଇ ହତାଶ ଭାବ ବେଶ୍ ଫୁଟିଉଠୁଥିଲା । ଯତୀନର ଆଗ୍ରହ ଦମନ କରିବାକୁ ସେ କହିଲା—ଆର୍ସେନିକ ହେଉ, ପଟାସିଅମ୍ ସାଇନାଇଡ଼୍ ହେଉ ବା ଲେଡ୍ ପଏଜନିଙ୍ଗ୍ ହେଉ ଏ ସବୁ ଜାଣି ଉପସ୍ଥିତ କ୍ଷେତ୍ରରେ ଆମର କିଛି ଲାଭ ହେବନି ଯତୀନ୍ । କେବଳ ହତ୍ୟା ଓ ଦୁରଭିସନ୍ଧି ପ୍ରତିପନ୍ନ କରିବାକୁ ଏଇଟା ଗୋଟାଏ ପ୍ରାମାଣିକ ତଥ୍ୟ ।

ଯତୀନ୍ ବୋକାଙ୍କ ପରି ବଡ ବଡ଼ ଆଖିରେ ଚାହିଁ ରହିଲା ମହେଶ ଆଡ଼େ ।

ମହେଶ କହି ଚାଲିଲା—ଏଥିରୁ ପ୍ରକୃତ ଦୋଷୀକୁ ଧରି ପାରିବା ଭଳି କୌଣସି ସନ୍ଧାନ ମିଳିପାରିବ ନାହିଁ ଯତୀନ୍; ଅଥଚ ଆମେ ଏ ବ୍ୟାପାରରେ ଦୋଷୀକୁ ଧରି ନପାରିଲେ ଆମର ଚରମ ପରାଜୟ ହେବ ଏବଂ ଆମେ ଆମ କର୍ତ୍ତବ୍ୟରେ ଅବହେଳା କରିବା ।

ଅପଣ ବଡ଼ ବେଶୀ ନିରାଶ ହୋଇପଡ଼ୁଚନ୍ତି, ସାର୍... ଏମିତି ଛୋଟ ଛୋଟ କଥାର ଖିଅ ଧରି ଆଗେଇ ଗଲେ ହେନେ ନା ହେନେ ଆମେ ଦୋଷୀକୁ ଧରିପାରିବାରେ ସଫଳ ହେବା । ଏ ଘଟଣାଟା ପଛରେ ଦୀର୍ଘ ଦୁଇ ତିନି ମାସର ଷଡ଼ଯନ୍ତ୍ର ରହିଛି, ଅତି ଚତୁରତା ସହିତ ଖୁଣୀ ତାର ମତଲବ୍ ହାସଲ କରିଛି । ସୁତରାଂ ସାଧାରଣ ହତ୍ୟାଠାରୁ ଏ ବ୍ୟାପାରଟା ଭିନ୍ନ ଓ ଜଟିଳ ।

ମହେଶ ସମ୍ମତିରେ ମୁଣ୍ଡ ହଲାଇ ଭାବୁଥିଲେ ସମୟର ଏଇ ବ୍ୟବଧାନ କଥା । ଦୁଇ ବା ତିନିମାସ ଆଗରୁ ଏ ଷଡ଼ଯନ୍ତ୍ରର ସୂତ୍ରପାତ ହୋଇଛି । ଅଥଚ ଦୁଇ ମାସ ହେଲା ରମେଶ ସରକାର ସସ୍ତ୍ରୀକ ପୁରୀ ଆସିଚନ୍ତି । ହୁଏତ ସେ କିମ୍ବା ତାଙ୍କର ସ୍ତ୍ରୀ ଏ ହତ୍ୟା ବ୍ୟାପାରରେ ମୋଟେ ସଂପୃକ୍ତ ନୁହନ୍ତି ।

ବର୍ତ୍ତମାନ ଏ ସବୁ ଭାବନାରେ ସମୟ କଟେଇ କିଛି ଲାଭ ନାହିଁ ଯତୀନ୍... ତମେ ଟିକିଏ ରମେଶ ସରକାରଙ୍କ ସ୍ତ୍ରୀ ସାଧନା ଦେବୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖ ।

ଆଶ୍ଚର୍ଯ୍ୟ ହୋଇ ଯତୀନ୍ ପଚାରିଲା—ସେ କିଏ ସାର ?

ପୂର୍ବ କଥା ବଖାଣ ନ କରି ଯତୀନ୍‌କୁ ସନ୍ତୁଷ୍ଟ କରିବା ଲାଗି ମହେଶ କହିଲେ—ବର୍ତ୍ତମାନ ତମେ ଏତିକି ଜାଣିଲେ ଯଥେଷ୍ଟ ହେବ ଯେ ରମେଶ ସରକାର ଜଣେ ବିଖ୍ୟାତ ଗୋଇନ୍ଦା ଏବଂ ସାଧନା ତାଙ୍କର ସ୍ତ୍ରୀ, ସେମାନେ ଏଇ କେତେ ମାସ ହେବ ପୁରୀ ହୋଟେଲରେ ରହୁଚନ୍ତି ।

ଯତୀନ ଆଶ୍ଚର୍ଯ୍ୟରେ ଚୁପ୍ ରହିଲା । ଉପରସ୍ଥ କର୍ମଚାରୀଙ୍କର ଏଇ ବିଚିତ୍ର ଆଦେଶକୁ ଖୋଲେଇ ବୁଝିବାର ଇଚ୍ଛା ଥିଲେ ବି

ମହେଶର ବିକ୍ରୃତ ଭାବ ଦେଖି ସେ ଭରସି ପାରିଲା ନାହିଁ କିଛି ପଚାରିବାକୁ ।

ସମୁଦ୍ରକୂଳ ଜନଶୂନ୍ୟ ହୋଇ ଆସିଲାଣି··· କୃଷ୍ଣପକ୍ଷର ରାତି ବଢ଼ି ଚାଲିଛି ।

ପୁରୀ ହୋଟେଲର କିଛି ଦୂରର ସମୁଦ୍ର ବାଲି ଉପରେ ବସି ରହିଛି ମହେଶ । ସୁଚରିତା ମରିବାର ତିନିଦିନ ହୋଇ-ଗଲାଣି । ରମେଶ ସାଙ୍ଗେ ଗଲା·ଦୁଇଦିନ ହେଲା ସମ୍ପର୍କ ରଖିବାର ସମସ୍ତ ଚେଷ୍ଟା ତାର ବ୍ୟର୍ଥ ହୋଇଛି । ହୋଟେଲର ଚାକର-ବାକରଙ୍କ ଠାରୁ ସେ ବୁଝିଛି ଯେ ଗଲା ଦୁଇଦିନ ହେଲା ରମେଶ କେବଳ ଚୁପ୍ ଚାପ୍ ଘର ଭିତରେ ଶୋଇ ରହୁଛି··· କାହାରି ସାଙ୍ଗରେ କଥା କହୁ ନାହିଁ । ସାଧନା ମଧ୍ୟ ରମେଶଙ୍କୁ ଛାଡ଼ି ବାହାରକୁ ବାହାରୁ ନାହିଁ । ହୁଏତ ରମେଶ ବେମାର ହୋଇ ପଡ଼ିଛି·····

ବାବୁ ଆଜ୍ଞା·····

ହୋଟେଲ ଚାକର ନଟିଆ ପାଇଁ ଧାଇଁ ଆସିଛି— ଆଜ୍ଞା, ମା ଏଇ ବାହାରକୁ ବାହାରିଗଲେ ।

ଆଜ ବାବୁ କ'ଣ କରୁଚନ୍ତି ? ଆଗହରେ ପଚାରିଲା ମହେଶ

ଆଜ ସଞ୍ଜବେଳୁ ବାବୁଙ୍କ ମିଜାସ ଟିକିଏ ଭଲ ଅଛି ଆଜ୍ଞା, ବାହାରେ ଆରାମ ଚୌକିରେ ବସି ହାଉଆ ଖାଉଚନ୍ତି ।

ହଜ, ହଜ ତୁ ଆଗ ଚାଲ ଯା··· ମୁଁ ଯାଉଛି ।

ଜୁହାର ବାବୁ ଆଜ୍ଞା । ନଟିଆ ଝପଟି ଗଲା ହୋଟେଲ ଆଡ଼େ ।

ମହେଶ ଉଠି ଠିଆ ହେଲା···କେମିତି ମାଡ଼ ମାଡ଼ ପଡୁଛି ଅଜବ ଶିଶୁନିଆ ସ୍ତବ୍ଧତା···ମନ ଦରକ ଉଠିଲା । ସାଧନା ହୁଏତ ଏଇ ପାଖକୁ ବୋଲଗଠିକ ଯାଇଛି ··· ତା ହାବୁଡ଼େ ପଡ଼ିଗଲେ ଅବସ୍ଥା ବାଇଶ୍ରୀଧବଳଡ଼ା କରିଦବ । ଉଶ୍, କ ତେଜ ମାଇପିଟାର ! ଏମିତି ଭାବନା ଭିତରେ ମହେଶ ଚାଲି ଚାଲି ଆସି ପହଞ୍ଚିଗଲା ହୋଟେଲ ସାମନାରେ ।

ଉପରମହଲା ବାରଣ୍ଡାର ହାଲୁକା ନୀଳରଙ୍ଗର ଆଲୁଅ ଭିତରେ ସ୍ପଷ୍ଟ ଭାବରେ ଦେଖି ପାରିଲା ସେ ପୋର୍ଟିକୋର ଗୋଟାଏ କୋଣରେ ଗୋଟାଏ ଆର୍ମଚୌକି ଉପରେ ରମେଶ ବସି ରହିଛି ··· ଉପର ମହଲାର ଦରଜା ପାଖରୁ ରମେଶକୁ ଦେଖି ତା ମନର ଭାବ ବୁଝିବାକୁ ଚେଷ୍ଟାକଲା ମହେଶ । ରମେଶ ନିଶ୍ଚଳ ଭାବରେ ଚାହିଁ ରହିଛି ସମୁଦ୍ରଆଡ଼େ·····ଭୟଙ୍କର ଶୁଭୁଛି ସମୁଦ୍ରର ଗର୍ଜନ ।

ରମେଶର ଧ୍ୟାନ ଭାଙ୍ଗିବା ଉଦ୍ଦେଶ୍ୟରେ ଆଗକୁ ପାଦ ବଢ଼ାଇ ମହେଶ ଡାକିଲା—ସାର୍ ।

ଆପଣ ମହେଶବାବୁ । ରମେଶ ନିର୍ଲିପ୍ତ ଭାବରେ ସମ୍ଭାଷଣ ଜଣାଇଲା

ରମେଶ ସାମନାର ଗୋଟିଏ ଚୌକି ଟାଣି ବସୁ ବସୁ ମହେଶ କହିଲା କ୍ଷମା କରିବେ ସାର୍, ଏ ଅସମୟରେ ଆପଣଙ୍କୁ ଆସି ବ୍ୟସ୍ତ କଲି । ଗଲା ଦୁଇଦିନ ଧରି ଚେଷ୍ଟା କଲେ ବି କାମ ଝଞ୍ଜାଳ ଭିତରେ ଆପଣଙ୍କ ନିକଟକୁ ଆସିବା ସମ୍ଭବପର ହୋଇପାରିଲା ନି ।

ଓ, ଗମ୍ଭୀର ଭାବରେ କହିଲା ରମେଶ, କେବଳ ଏଠାରେ ମୁଁ ବେକାମୀ ହୋଇ ପଡ଼ିଛି ମହେଶବାବୁ । ତେବେ ଏତେ ରାତିରେ ଆପଣଙ୍କର ଆସିବାର ଉଦ୍ଦେଶ୍ୟ, ମାନେ, ମୁଁ କିଛି ସାହାଯ୍ୟ କରିପାରେ ଆପଣଙ୍କୁ ?

ରମେଶର ରୂପରଙ୍ଗ ସବୁ ଯେମିତି ବଦଳି ଯାଇଛି । ଏକ ଦୁଃଖ ମାନସିକ ଅବସାଦ ଓ ଗ୍ଲାନି ପରେ ତାର ପ୍ରକୃତ ସ୍ୱରୂପ ଯେପରି ଫେରି ଆସିଛି । ରମେଶର ହାବଭାବରୁ ମହେଶ ବୁଝିଲା ସେ ଯେପରି ଖୁସି ହୋଇନି ତାକୁ ଦେଖି ।

ସେପରି ବିଶେଷ କିଛି କାମ ନାହିଁ, ସାର୍, ତେବେ ଏଇ ସୁଚରିତାଙ୍କ କେସ୍‌ଟା ବିଷୟରେ ଆପଣଙ୍କ ସହିତ କିଛି ପରାମର୍ଶ କରିବାକୁ ଆସିଥିଲି, ସଂକୁଚିତ ଭାବରେ କହିଲା ମହେଶ ।

ଓ, ତାହେଲେ ମୋ ଦୁର୍ବଳତାର ଆପଣ ପୂରାପୂରି ଫାଇଦା ଉଠାଇବାକୁ ଚାହାନ୍ତି, ମହେଶବାବୁ ?

ଶଙ୍କିତ ହୋଇ କହିଲା ମହେଶ—ଆପଣ ସେମିତି ଭାବନ୍ତୁ ନାହିଁ ସାର୍ । ସୁଚରିତାଙ୍କ ସହିତ ଆପଣଙ୍କର ଯେ କୌଣସି ସଂପର୍କ ଥାଉନା କାହିଁକି, ସେଇଟା ଏକାନ୍ତ ଘରୋଇ ବ୍ୟାପାର । ଏ କେସ୍ ସହିତ ତାର କୌଣସି ସଂପର୍କ ନାହିଁ ।

ତେବେ, ଆପଣ ମୋଠାରୁ କଣ ଜାଣିବାକୁ ଚାହାନ୍ତି ? ସ୍ୱାଭାବିକ ଭଙ୍ଗୀରେ କହିଉଠିଲା ରମେଶ—ସୁଚରିତାପରି ଅପରିଣାମଦର୍ଶୀ ଝିଅର ଆତ୍ମହତ୍ୟା କରିବା ସ୍ୱାଭାବିକ; ସୁଚରିତା ନିଜେ ନିଜକୁ ହତ୍ୟା କରିଛି । ଅନ୍ୟଲୋକଙ୍କୁ ଏଥିରେ ଜଡ଼ିତ କରିବା ଠିକ୍ ହେବନି । ସେ ନିଜେ ନିଜେ ମୃତ୍ୟୁକୁ ବରଣ କରିଛି ଏବଂ ସେଥିପାଇଁ ସ୍ଲିପିଂ ପିଲ୍‌ସ ବି ଆଣି ନେଇଛି ।

ଦେଖାଯାଏ ହୋଇଯାଇଛି ରମେଶର କଥା ··· ବିପର୍ଯ୍ୟସ୍ତ ହୋଇଯାଇଛି ତାର ଚିନ୍ତାର ଧାରା । ମନେ ମନେ ଅସ୍ଥିର ହେଲେ ବି ମହେଶ ରମେଶର କଥା ସାଙ୍ଗରେ କଥା ମିଳାଇ କହିଲା—ହଁ, ସେଇଟାହିଁ ଠିକ୍ ମନେ ହେଉଛି, ସାର୍ । ସୁଚରିତାଙ୍କ ସ୍ୱାମୀ କିନ୍ତୁ ଏଥିପାଇଁ ପରୋକ୍ଷରେ ଦାୟୀ ହୋଇ-ପାରନ୍ତି ସାର୍ ।

ମୋଟେ ନୁହେଁ ··· ହୋଇପାରେନା, ଶୁଣିଛି ସୁଚରିତା ସୈନ୍ୟବିଭାଗର ଜଣେ ନାମଜାଦା ଓ ବେଶ୍ ଉଚ୍ଚ ପଦସ୍ଥ ବଙ୍ଗାଳୀ ଡାକ୍ତରଙ୍କୁ ସିଭିଲ୍ ମ୍ୟାରେଜ କରିଥିଲେ ଏବଂ ତାଙ୍କ ସ୍ୱାମୀଙ୍କର ଚେହେରା ଓ ବ୍ୟବହାର ମଧ୍ୟ ଥିଲା ଅତି ସୁନ୍ଦର ।

କଥାଟାରେ ବାଧାଦେଇ ସୁଚରିତାଙ୍କର ଅନୁଶୋଚନା ଆସିପାରିଥାଏ ସାର୍ ।

ଅସମ୍ଭବ, ଧର୍ମ ଓ ଜାତିପରି ଗୋଟାଏ abstract ଓ ବାଜେ ଯୁକ୍ତିର ଉପରେ ସୁଚରିତା ନିଜ ଜୀବନର ବାଜି ଲଗେଇ ପାରେନା । ସୁଚରିତା ମୋଟେ ଝିଅଟି ନୁହେଁ, ତାଙ୍କୁ ଆତ୍ମବିଶ୍ୱାସ କହିଲେ ଠିକ୍ ହେବ । ସେ ଯାହାହେଉ ମହେଶବାବୁ, ଏ କେଶ୍ଟା ସମ୍ବନ୍ଧରେ ଆପଣ ମତେ ଆଉ ଜବ୍ରତ ନ କଲେ ହେଲା । କଥାରେ ଶିଅ ଛୁଟେଇଦେଇ ରମେଶ କହିଲା—ଏ ବିଷୟରେ ଆଉ କୌଣସି ପ୍ରକାର ପରାମର୍ଶ ବା ଆଲୋଚନା କରିବାକୁ ମୁଁ ମୋଟେ ପ୍ରସ୍ତୁତ ନୁହେଁ ମହେଶବାବୁ ।

ମହେଶ ନିଜକୁ ଯଥେଷ୍ଟ ଅପମାନିତ ବୋଧକଲେ ବି ଚେପି ଚୋକି କହିଲା—ପୋଲିସ୍ର ଦାୟିତ୍ୱ ଦୃଷ୍ଟିରୁ ମତେ ହୁଏତ ଆପଣଙ୍କୁ ବିରକ୍ତ କରିବାକୁ ପଡ଼ିପାରେ ସାର୍ ।

ସ୍ୱଭାବତ ସ୍ୱଚିଚାଇ ଚାଲିଗଲାବେଳେ କହିଲା ରମେଶ—ପୋଲିସ୍‌ର ଦାୟିତ୍ୱ ମୁଁ ଖୁବ୍ ବୁଝେଁ ମହେଶବାବୁ, ଏଇ ସୁଚରିତା ପରି ଅସଂଖ୍ୟ ଝିଅ ଗଳି କନ୍ଦି ଠାରୁ ଆରମ୍ଭ କରି ଉଦ୍ଭାସିତ ରାଜପଥ ଉପରେ ପ୍ରତିଦିନ ଝଡ଼ି ପଡ଼ୁଚନ୍ତି—ଆପଣ ସେମାନଙ୍କର ଖୋଜଖବର ରଖିବାକୁ ଚେଷ୍ଟା କରୁଚନ୍ତି କେବେ ? ମୋଠାରୁ ସୁଚରିତା ବିଷୟରେ କିଛି ଶୁଣି ନ ଥିଲେ ଆପଣଙ୍କର ଆଜି ଏ ଆଗ୍ରହ ମଧ୍ୟ ନ ଥାନ୍ତା । ମହେଶର ମନ ଭିତରେ ସନ୍ଦେହର କଳାଗୁମ୍ଫୀ ଘନୀଭୂତ ହୋଇ ଉଠୁଥିଲା ।

ବିଦାୟ ନମସ୍କାର ଜଣାଇ କ୍ଷୁବ୍ଧ କଣ୍ଠରେ କହିଲା ମହେଶ ମତେ କ୍ଷମା କରିବେ ସାର୍ ।

ରମେଶଠାରୁ ଆଉ କିଛି ଶୁଣିବାକୁ ଅପେକ୍ଷା ନ କରି ସେ ବାହାରି ଆସିଲା ଘର ବାହାରକୁ ।

ପୁଣି ଆପଣ ? ?

ସିଡ଼ିର ତଳ ପାହାଚରୁ ଉପରକୁ ମହେଶ ଚାହିଁ ଦେଖିଲା ସାଧନା ତାରି ଆଡ଼କୁ ଅନେଇଚି ତୀକ୍ଷ୍ଣ ପ୍ରଶ୍ନିଳ ଦୃଷ୍ଟିରେ...... ମୁହଁ ତାର ଉତ୍ତେଜନାରେ ରଙ୍ଗା ପଡ଼ି ଯାଇଚି...... ।

ମହେଶ ଅଚେତ ହୋଇଗଲା । କି ଉତ୍ତର ସେ ଦେବ ସାଧନାକୁ ? ? ?

ସାଧନା ପାହାଚ ତଳକୁ ଓହ୍ଲାଇ ଆସି କହିଲା—ତାହେଲେ ଆପଣ ଆମ ପିଛା ଛାଡ଼ିବେ ନାହିଁ ଦେଖୁଚି । ମୋର ସ୍ୱାମୀଙ୍କର ମସ୍ତିଷ୍କ ବିକୃତିର ଆପଣ ଯଥେଷ୍ଟ ପ୍ରଶ୍ରୟ ନେଇ ସାରିଛନ୍ତି ମହେଶ ବାବୁ । କିନ୍ତୁ ଆଜି ନୁହେଁ ।

ଏକା ସାହାକେ ସାଧନା କହି ଗଲା । ତାର ଘନ ନିଶ୍ୱାସ ଭିତରେ କ୍ରୁଦ୍ଧା ନାଗୁଣୀ ଫଣା ଟେକିଚି, ନିଜକୁ ଅସୁସ୍ଥ ଭାବି

ନେଇ ମହେଶ କହିଲା—ମୋର ଦାୟିତ୍ୱ ଦୃଷ୍ଟିରୁ ମତେ ସବୁ କରିବାକୁ ପଡ଼ିଛି ସାଧନା ଦେବୀ । ଆପଣ ଯଦି ଏଇଟାକୁ ମୋର ଦୋଷ ବୋଲି ଭାବୁଥାନ୍ତି, ତା ହେଲେ ମୁଁ ନାଚାର ।

ମୁଁ କିଛି ଶୁଣିବାକୁ ପ୍ରସ୍ତୁତ ନୁହେଁ ମହେଶବାବୁ·····ଆପଣ ଏଠାକୁ ଆଜି ନ ଆସିଲେ ବରଂ ଆମେ ଖୁସୀ ହେବୁ ।

ଅପରାଧି ପରି ମହେଶ ସାଙ୍ଗେ ସାଙ୍ଗେ ମୁହଁ ବୁଲାଇ ଚାଲିଗଲା । ସାଧନାର ନୈଲ୍ୟ ଦୃଷ୍ଟି ଲାଗି ରହିଥିଲା ତା' ପଛରେ, ଇସ୍·····ମହେଶର ମାଂସପେଶୀ ଗୁଡ଼ାକ କି ବଳିଷ୍ଠ ହୋଇଛି ! ବିତୃଷ୍ଣର ହସ ହସି ସେ ମନେ ମନେ କହିଲା—ବଦମାସ !

ମହେଶ ବାବୁ ! ମ—ହେ—ଶ ବାବୁ !

ମହେଶ ପଛକୁ ଫେରି ଚାହିଁଲା । ଗୋଟାଏ ଲୋଭନୀୟ ଭଙ୍ଗିକରି ଠିଆ ହୋଇଛି ସାଧନା ତା ଠାରୁ ମୋଟେ ଦଶଗଜ ଦୂରରେ । ମୁହଁରେ ତାର ଗୋଲାପି ହସର ଅଭ୍ୟର୍ଥନା । "ବାଇ, ବାଇ, ଡୋଣ୍ଟ୍ ମାଇଣ୍ଡ, କିଛି ମନେ କରିବେନି" । ପ୍ରେମାସ୍ପଦ ଭାଷାରେ କହିଲା ସାଧନା । କିଛି ଉତ୍ତର ନ ଦେଇ ବୁଲିପଡ଼ି ପଳାଇ ଆସିଲା ଭିତରେ, ମହେଶ ପଛକୁ ଥରେ ଚାହିଁନେଇ ଲୋଭନୀୟ ଆଖିରେ ଦେଖିନେଲା ସାଧନାକୁ । ସାଧନାର ଚାହାଣୀରୁ ନିମନ୍ତ୍ରଣର ରଙ୍ଗ ସେ ପର୍ଯ୍ୟନ୍ତ ମିଳେଇ ଯାଇ ନାହିଁ ।

ଅପମାନ ଓ ଗ୍ଲାନିରେ ବଣେଇ ହୁଟିଛି ମହେଶ··ସାଧନା ଛଡ଼ା ଅନ୍ୟ କେହି ହୋଇଥିଲେ ସେଇ ମୁହୂର୍ତ୍ତରେ ତାକୁ ସେ ହାତକଡ଼ି ପକାଇ ଓଟାରି ଅଣିଥାନ୍ତା ଥାନା ହାଜତ ଭିତରକୁ । କିନ୍ତୁ ଖ୍ୟାତ ଗୋଇନ୍ଦା ରମେଶ ସରକାରର ସ୍ତ୍ରୀ ସାଧନାକୁ କୌଣସି

ପ୍ରକାରର ପ୍ରାମାଣିକ ତଥ୍ୟ ନ ଥାଇ ଅବେକ୍ଷା କରିବାର ସାହସ ହେଲାନ ତାର । ତା ଛଡ଼ା ଯଦି ବ ସାଧନା ଏ ହତ୍ୟା ମାମଲାରେ ଲିପ୍ତ ଥାଏ, ତେବେ ପ୍ରଥମରୁ ଏପରି ଅଶୋଭନୀୟ କାଣ୍ଡ କରି ବସିଲେ ଭବିଷ୍ୟତରେ କୌଣସି ପ୍ରକାର ସୂତ୍ର ମିଳି ପାରିବନି । ସୁତରାଂ ନିଜର ଏଇ ଚରମ ଭୀରୁତା ଉପରେ ଘୃଣା ହେଉଥିଲେ ବି ମହେଶ ଉପସ୍ଥିତ କ୍ଷେତ୍ରରେ ନିଜର ବୁଦ୍ଧିମତାର ପ୍ରସଂଶା ନ କରି ରହି ପାରିଲାନି ।

ସାଧନାର ବଡ଼ ବଡ଼ ଟାଣିଆ ପରି ଅଯୁଗ୍ମ ଆଖିର ଚାହାଣୀ ତା ଆଗରେ ଭାସି ଉଠିଲା । ହଠାତ୍ ତାର ମନେହେଲା ସାଧନା ଅପୂର୍ବ ରୂପସୀ······ରୂପରେ ତାର ଯେତିକି ଉଗ୍ର ପ୍ରଗଳ୍‌ଭତା ଅଛି ଚାହାଣୀରେ ତାର ସେତିକି ଲୁବ୍‌ଧ ଆକର୍ଷଣ ଭରି ରହିଛି । ନିଜର ଏହି ଅସଂଲଗ୍ନ ଭାବନାରେ ଚମକି ପଡ଼ିଲା ମହେଶ······ ଅବଚେତନ ମନ ତାର ବାରି ବାର କହି ଉଠିଲା ସାଧନାକୁ ସେ ଭଲ ପାଇ ବସିଛି ।

ଆପଣଙ୍କୁ ଅନେକ ଆଡ଼େ ଖୋଜି ଖୋଜି ଆସିଲିଣି ସାର । ଥାନା ବାରଣ୍ଡା ଉପରୁ କହି କହି ପଶି ଆସିଲା ଯତୀନ୍ ।

କ'ଣ ଖବର ଯତୀନ୍ ? ମୁହଁ ସେହିପରି ତଳକୁ ପୋତି କହିଲା ମହେଶ । ଆଜି ତାର ଟେର ପାଇଲି ସାର୍······

ମୁହଁ ଉପରକୁ ଟେକି ଆଶ୍ଚର୍ଯ୍ୟରେ ମହେଶ ପଚାରିଲା— କାହାର ?

ସେଇ ସାଧନା ଦେବୀଙ୍କର ସାର୍, ଆଜି ସଞ୍ଜ ପରେ ପରେ ପ୍ରାୟ ସାତ ସାଢ଼େ ସାତଟା ବେଳେ ସାଧନାଦେବୀ ହୋଟେଲରୁ ବାହାରିବା ଲକ୍ଷ କରି ମୁଁ ତାଙ୍କ ପିଛା ଧରିଲି । କଚେରି ସାମନା ବାଟ ଦେଇ ସେ ପାଥର ପୁରୀ ହଷ୍ଟେଲ ଆଡ଼କୁ ଗୋଟାଏ

ରିକ୍ସାଟେ ଗଲେ । ମୁଁ କିଛି ଦୂରରେ ଗୋଟାଏ ସାଇକଲ ନେଇ ତାଙ୍କ ପଛେ ପଛେ ଚାଲିଲି । ଖୁବ୍ ଛନ ଛନ ହେଉଥାନ୍ତି ସେ... କଣ ହଜାଇଲା ପରି ଚାରିଆଡ଼କୁ ବାରମ୍ବାର ଦେଖୁଥାନ୍ତି । ସେ ପାଖ ରାସ୍ତା ନିଶୂନ ହୋଇ ଯାଇଥାଏ...ରାସ୍ତା ଉପରେ ଗୋଟିଏ ହେଲେ ଲୋକ ନ ଥାନ୍ତି ।

ତାପରେ କଣ ହେଲା ? ଆଗ୍ରହରେ ପଚାରିଲା ମହେଶ । ତାଙ୍କ ଦୃଷ୍ଟିରେ ନ ପଡ଼ିବାକୁ ମୁଁ ଖୁବ୍ ସତର୍କତା ସହିତ ଗୋଡ଼ାଇ ଚାଲିଥାଏ । ଜାଣି ଶୁଣି ସାଇକେଲର ଘଣ୍ଟାକୁ ମୁଁ ନଭେଇ ଦେଇଥିଲି ସାର୍ । ପାଥର ପୁଷ୍ପ ହଷ୍ଟେଲ ସେ ପାଖରେ ମୋଡ଼ ବୁଲି ରିକ୍ସା ଝାଉଁବଣ ଆଡ଼କୁ ବଙ୍କେଇ ଚାଲିଗଲା । ବହଳ ଅନ୍ଧାର ଭିତରେ ମୁଁ ଆଉ କିଛି ଦେଖି ପାରିଲି ନାହିଁ । ପାଥର ପୁଷ୍ପର ଗୃହପାଖର ସବୁ ରାସ୍ତା ଗୁଡ଼ାକ ଉପରେ ଅନେକ ବେଳଯାଏ ମୁଁ ଖୋଜି ବୁଲି-ଲି ବି ରିକ୍ସା ବା ସାଧନାଦେବୀଙ୍କର କୌଣସି ସନ୍ଧାନ ପାଇଲି ନାହିଁ—

ତମେ ତାହେଲେ ଠକିଗଲ ଯତୀନ୍ । ନିରାଶ କଣ୍ଠରେ କହି ଉଠିଲା ମହେଶ ।

ନାଁ ସାର୍, ଭାଗ୍ୟକୁ ମୁଁ ଅଳ୍ପ ଭିତରେ ରିକ୍ସାର ନମ୍ବରଟା ଦେଖି ନେଇଥିଲି ୩୧୬ । ମୁଁ ସାଢ଼େ ଅଠଟା ବେଳେ ବିଫଳ ହୋଇ ଫେରି ଆସି ସହରେ ସବୁ ରାସ୍ତା, ଓ ଗଳି କନ୍ଦିରେ ଘୂରି ବୁଲିଲି ସେଇ ରିକ୍ସାକୁ ଧରିବା ଆଶାରେ । ସାଢ଼େଦଶଟା ବେଳକୁ ହସପିଟାଲ ପଛ ରାୟବାହାଦୁର ଲେନ୍ ଭିତରେ ମୁଁ ରିକ୍ସାଟିକୁ ଶେଷରେ ଦେଖିଲି ।

ରିକ୍ସାବାଲା ଠାରୁ କିଛି ଖବର ମିଳିଲା ? ମହେଶ ଉଦ୍‌ବିଗ୍ନ ଭାବରେ ପଚାରିଲା ।

ଉକ୍‌ସାଷ୍ଟା ଦେଖିଲି ସିନା ସାର୍, କିନ୍ତୁ ଲୋକଙ୍କର ପୋଷାକ ଓ ବେଶଭୂଷାକୁ ତା' ହାତରେ ଉକ୍‌ସା ଥିଲେ ବି, ତାକୁ ଉକ୍‌ସାବାଲା ବୋଲି ମୋର ମୋଟେ ବିଶ୍ୱାସ ହେଉନି । ବେଶ୍ ଉଜ୍ଜ୍ୱଳ ଓ ଜୀଲ ଦେହ···ଚକ୍ ଚକ ବେଶ ପୋଷାକ । ପଚାରିଲାନ୍ତୁ ପ୍ରଥମେ ସେ ଥତମତ ହୋଇଗଲା ସାର୍ । ଲୋକଟା ଗୋଟାଏ ଉଫିଜିଜ । ଜାତୁଗ ଦ'ମାଏ ହେଲା ଏଠିକି ଆସି ଉକ୍‌ସା ଟାଣୁଚି । କହୁଛି ସେ ରୋଜ ସାଧନାଙ୍କୁ ହୋଟେଲରୁ ନବା ଅଣିବା କରେ; ଏଥିଲାଗି ସକାଳେ ସଂଜେ ସେ ହୋଟେଲ ପାଖରେ ଜଗି ବସିଥାଏ । ସାଧନାଙ୍କ ଠାରୁ ଧନଙ୍କର ପୂରା ମଜୁରି ଛଡ଼ା ମୋଟା ରକମର ବକ୍‌ସିସ୍ ମଧ୍ୟ ପାଏ ।

ସାଧନାର ଏ ବଦାନ୍ୟତାର କାରଣ କିଛି ବାହାର କରି-ପାରିଲ ତା'ଠାରୁ ?

ସେ କଥା ଯେତେ ପଚାରିଲେ ବି ସେ କେବଳ ବୋକାଙ୍କ ପରି ମୁଣ୍ଡ ହଲାଇଲା । ତଥାପି ମୁଁ ତାକୁ ଛାଡ଼ିଲି ନାହିଁ ସାର । ଟାଣି ଟାଣି ତାକୁ ସେଇ ପଥର ପୁରୀ ରାସ୍ତାରେ ନେଇଗଲି । ଧମକ ଦେଇ ପଚାରିଲି କେଉଁଠି ସେ ଆଜି ସାଧନାକୁ ଓହ୍ଲାଇ ଦେଇ ଆସିଲା । କଂରୁ ମଠେ ଯେଉଁ ରାସ୍ତା ମୋଡ଼ରେ ସେ ସାଧନାକୁ ଓହ୍ଲାଇ ଦେଲା ବୋଲି ଦେଖାଇ ଦେଲା ତା ସେପାଖେ ଘର ଦ୍ୱାର କିଛି ଦେଖିଲି ନାହିଁ । ଖାଲି ବହଳ ଝାଉଁ ଗଛର ଜଙ୍ଗଲ ଓ ସମୁଦ୍ର ପଠାର । ମୁଁ କିନ୍ତୁ ସାହସ କରି ଅନେକ ଦୂର ଆଗକୁ ଯାଇ ଦେଖିଲି ଜଙ୍ଗଲ ମଝିରେ ଭଙ୍ଗାରୁଜା ହୋଇ ଠିଆହୋଇଛି ଗୋଟିଏ ଘର ଆଉ ତାର ଭଙ୍ଗା ଫାଟକ ଖମ୍ବରେ ମଖମଲ ପଥରରେ ବଙ୍ଗଳା ଅକ୍ଷରରେ ଲେଖା ହୋଇଛି "ମଲୟ"

ଓ, ଯାହାକୁ ଲୋକେ ମଲାଚୋଟି ବୋଲି କହନ୍ତି ସେଇଟାତ ?

ହଁ ସାର୍‌......ରିକ୍‌ସାବାଲାକୁ ପଗ୍ଭରିଲାରୁ ସେ କେବଳ ବୋକାଙ୍କ ଭଳି ଗ୍ଭହିଁ ରହିଲା । ତା ଗ୍ଭହାଣିରୁ ବୁଝିଲି ସେ ଯେମିତ ଏ ଘର ପାଖକୁ କେବେ ଆସିନି ।

ମହେଶ ମନେ ମନେ ଏ ସବୁର ଗୋଟାଏ ସମୀକ୍ଷା କରିଦେଲା । ତାହେଲେ ସାଧନା ସେଇଠୁ ଫେରି ହୋଟେଲ ବାହାରେ ଲୁଚି ରହି ରମେଶ ଓ ତା'ଭିତରେ ହେଉଥିବା ଆଲୋଚନାକୁ କାନ ଡେରିଥିଲା ! ତାହେଲେ ବି ତାର କଥା-ବାର୍ତ୍ତା ଭିତରେ ସେ ଏହାର କୌଣସି ଇଙ୍ଗିତ ଦେଲା ନାହିଁ ନାହିଁକି ?

ସେ ରିକ୍‌ସାବାଲା ଗଲା କୁଆଡ଼େ ?

ମୁଁ ତାକୁ ଆଜି କଣ ଛାଡ଼ି ଅଛନ୍ତି ସାର୍‌ ? ବିଜୟ ଆନନ୍ଦରେ କହି ଉଠିଲା ଯତୀନ୍‌—ତାକୁ ଥାନା ହାଜତ ଭିତରେ ପୁରାଇ ରଖିଛି ।

ବେଶ୍‌ କରିଛ । ସମର୍ଥନ ସୂଚକ ସ୍ୱରରେ କହି ଉଠିଲା ମହେଶ । ହୁଏତ ଏ ମାମଲା ଭିତରେ ତାର ବି କିଛି ହାତ ଅଛି । ମୁହୂର୍ତ୍ତକରେ ମହେଶର ଉତ୍‌ଫୁଲ୍ଲତା କୁଆଡ଼େ ମିଳେଇ ଗଲା ।

କିନ୍ତୁ ଏଇ ସାଧନାକୁ ଧରି ମଧ୍ୟ ଧରି ହେଉନାହିଁ, ଯତୀନ୍‌ । ସ୍ୱଭାବତ ଗୋଟାଏ ମାୟାଜାଲ ସେ ସୃଷ୍ଟି କରି ଗ୍ଭଲିଛି । ସେଇ କଣ ତେବେ ସୁଚରିତାକୁ ଖୁନ୍‌ କରିବାର ଜଘନ୍ୟ ଅଭିସନ୍ଧିର ମୁଖ୍ୟ ନାୟିକା ??

ହୁଏତ ହେଇଥା ହୋଇଯାବେ ସାର୍‌ । ଯତୀନ୍‌ ମହେଶର ଭାବାବେଶକୁ ଲକ୍ଷ କରି କହିଲା ।

# ପାଞ୍ଚ



ସକାଳୁ ସକାଳୁ ଯତୀନ୍ ଆସି ବସିଛି ଟେବୁଲଖାନା ପାଖରେ । ମୁହଁ ହାତ ଧୋଇ ପଦାକୁ ଆସି ମହେଶ ପଚାରିଲା, ଏତେ ସକାଳୁ ପୁଣି ।

କ'ଣ ହେଲା ଯତୀନ୍ ?

ହବ ଆଉ କ'ଣ ସାର୍ ଚଢେଇ ପଞ୍ଜୁରି ଛାଡ଼ି ଛୁ' । ସେଇକଥା ଆପଣଙ୍କୁ ଜଣାଇ ଦବାକୁ ଆସିଲି । ବିଫଳ ନୈରାଶ୍ୟରେ କହିଲା ଯତୀନ୍ ।

ଆଖି ମଳି ମହେଶ ସ୍ବାଭାବିକ ଦୃଷ୍ଟିରେ କହିଲା, କିଏ ପଳାଇ ଗଲା ଯତୀନ୍ । ରେକ୍‌ସାବାଲା ?

ନାଁ ସାର୍, କାଲି ସଞ୍ଜ ଗାଡ଼ିରେ ରମେଶ ବାବୁ ଓ ସାଧନା ଦେବୀ ଦୁହେଁ ଚାଲିଯାଇଛନ୍ତି ।

ନିର୍ବାକ୍ ବିସ୍ମୟରେ ଚାହିଁ ରହିଲା ମହେଶ । ସାମନା ବାଡ଼-ଦାଣ୍ଡ ଉପରେ ସୂର୍ଯ୍ୟର କଅଁଳ କିରଣ ତେଜି ଭାଙ୍ଗୁଛି........ ଆଜି ଏଇ ଆଲୁଅର ରଙ୍ଗ ଲାଗିବା ପୂର୍ବରୁ ଏକ ମାୟାର କୁହ

ସୃଷ୍ଟି କରି ଉମେଶ ଓ ସାଧନା ସ୍ୱପ୍ନର ଅଂଧକାର ଭିତରେ କୁଆଡ଼େ ଲୀନ ହୋଇ ଯାଇଚନ୍ତି ।

ଗୋଟାଏ ଚୌକିରେ ବସି ପଡ଼ୁ ପଡ଼ୁ ମହେଶ କହିଲା— ବେଶ୍ ।

ଭାବନା ଭିତରେ ଡୁବିରହି ମହେଶ ଲକ୍ଷ କରିନି ଯତୀନ୍‌ର ଚାଲିଯିବା ବାଟକୁ । ଦୀର୍ଘ ଛଅଦିନର କଠୋର ସାଧନାର ନିଷ୍ଫଳତାରେ ସେ ଶ୍ରାନ୍ତମନ ଭାଙ୍ଗି ପଡ଼ିଚି ? ବିଶେଷତଃ ଯତୀନ୍-ଠାରୁ ମହେଶ ଓ ସାଧନାର ଏଇ ଆକସ୍ମିକ ଓ ଅପ୍ରତ୍ୟାଶିତ ପ୍ରସ୍ଥାନର ଖବର ପାଇ, ସାଧନାର ପଳାୟନ ମୂଳରେ ଆତ୍ମ-ଗୋପନର ଅଭିସନ୍ଧି ଛଡ଼ା ଆଉ କିଛି ଥାଇ ନ ପାରେ । ମହେଶଙ୍କୁ ଫାଙ୍କି ଦବାର ଅଜସ୍ର ପ୍ରୟାସରେ ସେ ହୁଏତ ଲାଗି ପଡ଼ିଚି........ ।

ନିଜକୁ ପ୍ରସ୍ତୁତ କରିନେଇ ମହେଶ ଥାନା ଅଡ଼କୁ ଚାଲିଲା । ବର୍ତ୍ତମାନ କେବଳ ଗୋଟିଏ ସୂତ୍ର ବଞ୍ଚିଛି........ସେଇ ରିକ୍ସାବାଲାଠାରୁ ଯଦି କିଛି କଥା ଅସୁଲ କରାଯାଇ ପାରେ ।

ହାକିମ ସାମନାରେ ଠିଆ ହୋଇଛି ଯତୀନ୍...କଏଦୀ-ଠାରୁ ସେ କିଛି ଅସୁଲ କରିବାକୁ ତାକୁ ନାନାପ୍ରକାର ପ୍ରଶ୍ନ ଓ ଧମକ ଚମକ ଦେବାର ଆରମ୍ଭ କରି ଦେଇଚି ।

ମହେଶ ଥରେ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲା କଏଦୀକୁ... ବେଶ୍ ବଳିଷ୍ଠ ଦେହ, ବୟସ ୩୦ । ୩୨ ପାଖାପାଖି ହେବ । ରଙ୍ଗ ଶ୍ୟାମଳ ହେଲେ ବି ଚେହେରାରେ ବେଶ୍ ଶିଷ୍ଟତା ଅଛି... ଚାହାଣୀରେ ଆଭିଜାତ୍ୟ ଫୁଟି ଉଠୁଚି । ହାଜତରେ ରାତିଟାଏ ରହିବା ଫଳରେ ଚେହେରାରେ ଅନେକଟା ବିପର୍ଯ୍ୟସ୍ତତା ଥିଲେ ବି ସେଥିରୁ ଦୃଢ଼ତା ପ୍ରସ୍ଫୁର ହଜି ଯାଇନି ।

ଯତୀନ୍ ଯେତେ ପଚାରିଲେ ବି ଉତ୍ତର ମିଳୁନି ତାଙ୍କୁ । ସେମିତି ଯତୀନ୍‌ର ପ୍ରଶ୍ନ ତାଙ୍କୁ ସ୍ପର୍ଶ କରୁନି···ଅନ୍ୟମନସ୍କ ଭାବରେ ସେ ଚାହିଁ ରହୁଛି ।

ହାଜତ ଖୋଲି ତାଙ୍କୁ ମୁକ୍ତ କରିଦିଅ ଯତୀନ୍, ମହେଶ ଗମ୍ଭୀର ଭାବରେ ଆଦେଶ ଦେଲେ । ହାଜତର ଲମ୍ବା କବାଟ ଖୋଲିଗଲା ପରେ ମହେଶ କଏଦୀ ଉଦ୍ଦେଶ୍ୟରେ କହିଲେ— ବାହାରକୁ ଆସ ।

ଧୀର ଓ ଦୃଢ଼ ପଦକ୍ଷେପରେ କଏଦୀଟି ବାହାରକୁ ବାହାରି ଆସି ବାଧ୍ୟ ଭାବରେ ଠିଆହେଲେ ମହେଶ ପାଖରେ । ମହେଶ ତାର ହାତ ଧରି ନିଜ କୋଠରୀ ଭିତରକୁ ନେଇଗଲେ । ତାଙ୍କୁ ଗୋଟାଏ ଚୌକିରେ ବସିବାକୁ ଇଙ୍ଗିତ ଦେଇ ସାମନାର ଗୋଟାଏ ଚୌକି ଟାଣି ମହେଶ ନିଜେ ବସିପଡ଼ିଲେ ।

କଏଦୀଟି ସଙ୍କୋଚରେ ବସିପଡ଼ିଲେ । ମହେଶ ସିଧା ଚାହିଁଲେ ସାମନାରେ ବସିଥିବା କଏଦୀର ଆଖିକୁ । ତା' ଚାହାଣିର ତୀବ୍ରତା ସହ୍ୟ ନ କରିପାରି କଏଦୀର ଆଖି ଆପେ ଆପେ ତଳକୁ ଝୁଙ୍କି ପଡ଼ିଲେ ।

ନରମ ସ୍ୱରରେ ମହେଶ ପଚାରିଲେ—ତମର ନାମ ଆଉ ଅସଲ ପରିଚୟ କହିବନି ମତେ ।

କଏଦୀ ସେମିତି ତଳକୁ ମୁହଁ ପୋତି ରହିଲେ । ମହେଶର ପ୍ରଶ୍ନର କୌଣସି ଉତ୍ତର ଦେଲେନି ।

ଦେଖାଚାହିଁର ଏଇ ଅଳ୍ପ ସମୟ ଭିତରେ ମୁଁ ତମର ମନକୁ ବୁଝିବାକୁ ଚେଷ୍ଟା କରିଛି ଏବଂ ମୋର ନିଶ୍ଚିତ ଭାବରେ ମନେ

ଦେଉଚି ଯେ ତମେ ପ୍ରତାରିତ ହୋଇଚ···ତା' ତମର ଚାହାଣୀ ସ୍ପଷ୍ଟ ଭାବରେ ବ୍ୟକ୍ତ କରୁଚି ।

ମହେଶ କଥା କହୁବା' ଭିତରେ କଏଦୀର ଭାବଭଙ୍ଗୀକୁ ଲକ୍ଷ୍ୟ କରୁଥାଏ । କଏଦୀଟି ମୁଣ୍ଡ ଟେକିଚି । ତା ଆଖି ଭିତରେ ଛଳ ଛଳ ହେଉଚି ଦୁଇବୁନ୍ଦା ଲୁହ ।

ଉତ୍ସାହିତ ହୋଇ ମହେଶ କହିଲେ—ପୂର୍ବ ସହଜ ଭାବରେ ଏମିତି ବିଷନ୍ନ ମନ, ଜଖମୀ ହୃଦୟ ନେଇ ଚାଲିବାକୁ ହେବ ? ସବୁ ଦୁଃଖ ଓ ଗ୍ଲାନିକୁ ହସି ହସି ଭୁଲି ଯିବାକୁ ହେବ । ମଣିଷ ଜୀବନରେ ଘୂର୍ଣ୍ଣିବାୟୁର ନିଷ୍ଠୁରତାକୁ ମାନିନେବାକୁ ହେବ । ତାହେଲେ ଜୀବନ ହେବ ପରିପୂର୍ଣ୍ଣ ।

ନିପୁଣ ଦାର୍ଶନିକ ପରି ବ୍ୟାଖ୍ୟାନ କରିଗଲେ ମହେଶ—ତଥାପି, ଏଇ ଯାତ୍ରାପଥରେ ସାଥୀ ଦରକାର···ନୈରାଶ୍ୟର ଦୁଃଖ ଭୁଲିବାକୁ, ଆଗକୁ ଚାଲିବାର ପ୍ରେରଣା ପାଇବାକୁ । ଥରେ ତମ ଜୀବନରେ ସେମିତି ଗୋଟାଏ ନୂଆ ପର୍ଯ୍ୟାୟ ଆସିଚି । ମୋ ଉପରେ ତମେ ବିଶ୍ୱାସ ରଖ ।

ବାପ୍ପୁରୁଙ୍କ କଥାରେ କଏଦୀଟି କହିପକାଇଲା—ମୁଁ କନ୍ଦୁ ନାଗ୍ପୁର ଇନିସ୍‌ପେକ୍ଟର ବାବୁ । ନିଜ ଜୀବନର ଭୟ ପାଇଁ ଯେତେ ନୁହେଁ ସେତେ···ନିଜ ପ୍ରତିଜ୍ଞାର ମହତ୍ତ୍ୱ ବଜାୟ ରଖିବା ପାଇଁ ।

ମୁଁ ସେଥିରେ ତମକୁ ସାହାଯ୍ୟ କରିବି । ତମର ଅସଲ ପରିଚୟଟା ଜାଣିଲେ ନିଶ୍ଚୟ ତମ ପ୍ରତିଜ୍ଞା ଉପରେ କୌଣସି ଆଞ୍ଚ ଆସିବ ନାହିଁ ?

ତମ୍ଭ ନାଁ ସମର ବାନାର୍ଜି । ଏହାଛଡ଼ା କୌଣସି କଥା କହିବାକୁ ବର୍ତ୍ତମାନ ମୁଁ ପ୍ରସ୍ତୁତ ନୁହେଁ ଇନ୍ସପେକ୍ଟର ବାବୁ ।

ଯୋର୍‌ବରର କଥା ଅସୁଲ କରିବାକୁ ଚେଷ୍ଟା କଲେନି ମହେଶ । ତା' ଭଲେ ହୁଏତ ଶେଷ ସୂତ୍ର ଟିକକ ହଜିଯିବ । ସମରଙ୍କୁ ଜେରା କରି କିଛି ଲାଭ ନାହିଁ.....ମନ ବଦଳିଲେ ହିଁ ତାଙ୍କଠୁଁ ଆସ୍ତେ ଆସ୍ତେ କଥା ଅସୁଲ କରିବାକୁ ପଡ଼ିବ । ଜମାଦାରଙ୍କୁ କଏଦୀକୁ ନେଇ ଯିବାର ନିର୍ଦ୍ଦେଶ ଦେଇ ମହେଶ ଯତୀନଙ୍କୁ ସାଥିରେ ଧରି ବାହାରି ପଡ଼ିଲେ ।

ଦୁଇଜଣଯାକ ମଲ୍ଲିକକୋଠି ପାଖରେ ପହଞ୍ଚିଲେ । ମହେଶ ଘରପାଖରେ ବୁଲିବୁଲି ସବୁଆଡ଼ ଦେଖି ନେଲେ । ତା ପରେ ଘର ବାରଣ୍ଡା ଉପରକୁ ଉଠି ଭଲ ଭାବରେ ସାମନାର ଝରକା ଓ କବାଟ ଗୁଡ଼ିକୁ ନିରେଖି ଦେଖିଲେ ।

ସାମନାରେ ଦୁଇଟି ବଡ଼ ଝରକା ଓ ଗୋଟିଏ ଦରଜା । ତାକୁ ଦେଖିଲେ ପଲସ୍ତରା ଝଡ଼ି ତଳେ ଜମି ରହିଛି···ବାସହୀନ ଓ ଶ୍ରୀହୀନ ହୋଇ ପଡ଼ି ରହିଛି ଘରଟା । ହୁଏତ ଅନେକ ଦିନରୁ । ପଛ ଝାଉଁ ଗଛ ଫାଙ୍କରେ ଦେଖାଯାଉଛି ଝଣି ଝଣି ବାଲିର ସ୍ତୂପ···ଅର୍ଥାତ୍ ସେ ପାଖରେ ନୀଳ ସମୁଦ୍ରର ଦିଗନ୍ତ ବିସ୍ତୃତ ।

—ଠିକ୍ ଏଇ ଘରଟା ତ ଯତୀନ୍ ?

—ହଁ ସାର୍, ଏକବାରେ ନିର୍ଭୁଲ; ଏଇ ଦେଖନ୍ତୁ; ଫାଟକ ଖୁଣ୍ଟ ଉପରେ ମଖମଲ ପଥର ଉପରକୁ ଲେଖା । ଯତୀନ୍ ଫାଟକ ପାଖକୁ ଦୌଡ଼ିଯାଇ ପକେଟରୁ ରୁମାଲ କାଢ଼ି ମଲମଲ ପଥର ଖଣ୍ଡିକ ଘଷି ସଫା କଲା । ଦାଗିଆ ହୋଇଯାଇଛି ପଥରରଙ୍ଗ ।

ଅକ୍ଷର ଗୁଡ଼ାକ ଭିତରୁ ଚୂନ ଲିଭିଗଲାଣି । ତଥାପି 'ମଳୟ' ଶବ୍ଦଟା ଠିକ୍ ପଢି ହେଉଛି ।

ମଳୟ !! ଭାବପ୍ରବଣ ହୋଇ ଉଠିଲା ମହେଶ । ଏହାପରି ଏକ ନିର୍ଜନ ପରିବେଶ ଭିତରେ ଛୁଟିର ମସ୍ୱଳକୁ ବାନ୍ଧିରଖିବା ପାଇଁ କେବେ କେଉଁ ସଉକୁନୀ ମନର ପରିକଳ୍ପନାକୁ ନେଇ ଜୀବନ୍ୟାସ ପାଇଥିଲା ଚୂନ ସୁରକିର ଏଇ ଇମାରତ । ଶଙ୍କିତ ମଳୟ କିନ୍ତୁ ଅଜର ଏଇ ମଲ୍ଲକୋଠି ଭିତରେ ଆତ୍ମହତ୍ୟା କରିଛି । ସେଥିପାଇଁ ମଲ୍ଲକୋଠିରେ ରହିବା ଦୂରରେ ଥାଉ, ତା ନା ଶୁଣିଲେ ଲୋକେ ଏକ ଅଜଣା ଭୟରେ ଥରଉଠନ୍ତି । ଜୀର୍ଣ୍ଣ, ପରିତ୍ୟକ୍ତ ମଲ୍ଲକୋଠି ଅଜି ଭୂତ ପ୍ରେତଙ୍କର ଅଡ୍ଡା ବୋଲି ଲୋକଙ୍କର ବିଶ୍ୱାସ ।

—ସାର୍ । ଯତୀନ୍‌ର ଡାକରେ ମହେଶ ଭାବନା ଭିତରୁ ଫେରିଆସିଲା—ସାର୍, ଘର ଭିତରଟା ତଲାସ କଲେ କେମିତି ହୁଅନ୍ତା ?

ମହେଶ ସମର୍ଥନ ଜଣାଇ କହିଲେ—ହଁ, ତା ତ କରିବାକୁ ପଡ଼ିବ ଯତୀନ୍, ତମେ ତାଲା ଭାଙ୍ଗିବା କାମ ଆରମ୍ଭ କର । ମୁଁ ଟିକିଏ ବୁଲି ବୁଲି ଦେଖେ ।

ଯତୀନ୍ କାମରେ ଲାଗିଗଲା । ମହେଶ ସାମନାର ଝରକା ଓ କବାଟ ଗୁଡ଼ିକୁ ତନଖି ଦେଖିବାରେ ଲାଗିଲା । ଅଳନ୍ଧୁ ଜାଲ ଭର୍ତ୍ତି ହୋଇଛି ସେଗୁଡ଼ାକରେ । ଅନେକ ଦିନରୁ ହୁଏତ ଖୋଲା ହୋଇନି ଏ ସବୁ ।

ସାମନାର ଦରଜାଟାକୁ ଟାଣି ଖୋଲି ଦେଇ ଯତୀନ୍ କହିଲା—ଆସନ୍ତୁ ସାର୍ ।

ସାମନାର କୋଠରୀଟିକୁ ଅତିକ୍ରମ କରି ମହେଶ ଘରର ଅଗଣା ଭିତରକୁ ପଶିଆସିଲା । ଯେଉଁ କୋଠରୀଟି ପଛରେ ସେ ଲୁଚି ଆସିଲା ସେଥିରେ ତା ଆଖି ଟାଣି ରଖିବା ଭଳି କୌଣସି ଜିନିଷ ନାହିଁ । ଉପର ତଳ ସବୁଆଡ଼ ସେ ଚାହିଁ ଦେଖିଲା—ଘରର କଡ଼ ବରଗା ଗୁଡ଼ାକ ଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବାହାର ଘର ଅପରିଚ୍ଛନ୍ନ ଓ ଅଯତ୍ନିତ ହୋଇ ପଡ଼ି ରହିଛି କୋଠରୀଟା ।

ଅଗଣାରେ ପହଞ୍ଚି କିନ୍ତୁ ସ୍ତବ୍ଧ ହୋଇ ଠିଆ ହୋଇଗଲା ମହେଶ । ଅଗଣାର ଗୋଟାଏ କଣରେ କେତୋଟି ଫୁଟନ୍ତ ଗୋଲାପ । ଗଛ ଗୁଡ଼ିକ ବେଶ୍ ଜୀବନ୍ତ ଓ ସତେଜ ଅବସ୍ଥାରେ, ଯେପରି କେହି ଜଣେ ନିତି ପରିଚର୍ଯ୍ୟା କରୁଛି ସେମାନଙ୍କର । କେଉଁଠି ହେଲେ ଏତେ ଟିକିଏ ଆବର୍ଜନା ନାହିଁ, ଏପରିକି ଝଡ଼ା ପତ୍ରଟିଏ ପଡ଼ିନି ।

ମହେଶର ଆଖିର ଦୃଷ୍ଟିକୁ ଠିକ୍ ବୁଝିନେଲା ଯତୀନ୍ । ପଛପାଖ ଘରର ଗୋଟାଏ ଦରଜାକୁ ସେ ଏହା ଭିତରେ ଖୋଲି ସାରିଛି । ଘରଟିର ନିଖୁଣ ସାଜସଜ୍ଜା ଦେଖି ତାର ଆଖି ବୁଜି ହୋଇ ପଡ଼ିଲା ।

ମହେଶ ପଶି ଆସିଲା ଭିତରକୁ । ଘରଭିତରର ଆସବାବ୍ ଭିତରେ ଖଣ୍ଡେ ସୁଟକେଶ ଓ ର୍ୟାକ୍ ଉପରେ କେତେ ଖଣ୍ଡ ବହି । ସୁଟ୍‌କେଶଟିକୁ ଭାଙ୍ଗି ଖୋଲି ଦେଲା ଯତୀନ୍ ।

ସୁଟକେଶ ଭିତରେ ସାଇତା ହୋଇ ଥୁଆହୋଇଛି ଦି ତିନି ଖଣ୍ଡ ବେଶ୍ ଦାମୀ ଶାଢ଼ୀ ଓ ବ୍ଲାଉଜ୍ । ମହେଶ ସବୁଗୁଡ଼ାକ ଝୁରିପୂରି ଖୋଲି ଦେଖିଲା । ପିନ୍ଧା ହେବାର ଭାଙ୍ଗ ରହିଛି

ପ୍ରତ୍ୟେକଟି ଶାଢ଼ୀରେ । ଗୋଟାଏ ପରିଚିତ ସୁରଭିର କ୍ଷୀଣ ଆବେଗ ସେ ସବୁଥିରୁ ବାହାରି ମହେଶଙ୍କୁ ଆକୁଳ କରି ପକାଇଛି । ଠିକ୍ ଏମିତି ମିଷ୍ଟି ସୁରଭିର ଆମୋଦ ଭରି ଥିଲା ସାଧନାର ପରିଧାନରୁ । ଏପରି ଏକ ସ୍ନିଗ୍ଧ ପରିବେଶକୁ ଘର ଭିତରକୁ ବାନ୍ଧିକି ଆଣୁଥିଲା ସାଧନା ??

ମୋର ଅନୁମାନ ସତ ହୋଇଛି, ଅନେକରେ ଏକପ୍ରକାର ନାଚ ଭରି କହୁଛି ଯନ୍ତ୍ରୀନ୍ । ସାଧନା ନିଶ୍ଚୟ କାଲି ଏଠିକି ଆସିଛି । ଏଇ ଦେଖନ୍ତୁ ସାର୍ ଖଣ୍ଡେ ଶାଢ଼ୀକୁ ଉଠାଇ ଧରୁଛି ଯନ୍ତ୍ରୀନ୍ । ଏଇ ଶାଢ଼ୀପିନ୍ଧି କାଲି ହୋଟେଲରୁ ବାହାରିଥିଲା ସାଧନା । ଅଞ୍ଚଳର ଏଇ ନଙ୍ଗିଆ ଗୁଡ଼ାକଙ୍କର ଗପ ମୋର ନର୍ଭଲ ସ୍ନାୟୁରେ ମନେ ପଡ଼ୁଛି ସାର୍ ।

ମହେଶ [ଅନ୍ତର୍ଦୃଷ୍ଟି]ରେ ସ୍ଥିର ରହିଥିଲେ । ଯନ୍ତ୍ରୀନଙ୍କ କଥା ସରିଲା ପରେ ସେ ଶାଢ଼ୀଟିକୁ ଧରି ଭାବୁଥିଲେ ଏଇ ଗାଢ଼ ସବୁଜ ରଙ୍ଗର ଶାଢ଼ୀ ନିଶ୍ଚୟ ରାତି ଭିତରେ ସାଧନାକୁ ଆତ୍ମଗୋପନ କରିବାକୁ ଯଥେଷ୍ଟ ସାହାଯ୍ୟ କରିଥିବ ।

ବ୍ୟାଗ୍ ଉପରେ ଥିବା ବହି କେତେଖଣ୍ଡ ଖୋଲି ଦେଖିଲେ ମହେଶ......ପ୍ରଥମ କେତୋଟି ଆଧୁନିକ ବଙ୍ଗଳା ଉପନ୍ୟାସ ଓ କବିତା ସାର୍......ପୃଷ୍ଠା ପରେ ପୃଷ୍ଠା ଓଲଟେଇ ଗଲେ ମହେଶ । କୌଣସିଠାରେ କିଛିଏ ହେଲେ ଦାଗ ନାହିଁ । ଅକ୍ଷତ ନୂଆ ପରି ରହିଛି ସବୁ । ଯନ୍ତ୍ରୀନ୍ ହାତରେ ଧରିଥିବା ବହି ଖଣ୍ଡିକ ଆଡ଼କୁ ଲକ୍ଷ୍ୟ କରି ମହେଶ ପଚାରିଲେ—ସେଇଟା କି ବହି ଯନ୍ତ୍ରୀନ୍ ?

ସତ୍ୟେନ୍ ବହି ଖଣ୍ଡିକ ମହେଶ ହାତକୁ ବଢ଼ାଇଁ ଦେଇ କହିଲେ—ଏଇଟା ଗୋଟାଏ ମେଡିସିନର ବହି, ସାର୍ ! କୌତୂହଳୀ ହୋଇ ଉଠିଲେ ମହେଶ । ଆଗ୍ରହରେ ବହିର ପୃଷ୍ଠା ଗୁଡ଼ାକ ଓଲଟାଇ ଦେଖିଲେ ସେ । ବହିଟି ବେଶ୍ ପୁରୁଣା । ପ୍ରତ୍ୟେକ ପୃଷ୍ଠାରେ ପେନ୍‌ସିଲର ଦାଗ । ଶେଷ ପୃଷ୍ଠାଟିର ଗୋଟାଏ କଣ ଚିରିହୁ ଛିରି ନେଇଛି । ତାର ପାଖକୁ ବେଶ ଗୋଲ ଗୋଲ ଇଂରାଜୀ ଅକ୍ଷରରେ ଲେଖା ହୋଇଛି କଣ୍ଠ । ଓମାଇର ଲିଗୁଡ଼ି ଠାରୁ ଛିଣ୍ଡିହେଇ ନଅହୋଇଛି ।

ସୁଟକେଶ୍ ଓ ବହିଖଣ୍ଡ ନେଇ ସତ୍ୟେନ୍ ଓ ମହେଶ-ପଛଦରଜା ଦେଇ ବାହାରକୁ ଆସିଲେ । ପଛ ଦରଜାଟା ଜୀର୍ଣ୍ଣ ହେଲେ ବି ଖୋଲିବା ବା ବନ୍ଦ ହେବାରେ କିଛି ଅସୁବିଧା ହେଉନି···ଏଇ ଦରଜାବାଟ ଦେଇ ଲୋକଜନ ଯେ ଘରଟି ଭିତରେ ଚଳପ୍ରଚଳ ହେଉଛି ଏହା ବୁଝିବାକୁ ବାକି ରହିଲା ନାହିଁ ମହେଶଙ୍କର । ଠିକ୍ ଘର ପଛରୁ ସମୁଦ୍ରକୂଳ ଯାଏ ଜାଗାଟି ଝାଉଁ ଓ ଶିମିଳି ଗଛରେ ଗହଳ ହେଲେ ବି ତା ଭିତରେ ଗୋଟାଏ ରିକ୍‌ସା ଯିବାଭଳି ବାଟ ଦେଖାଯାଉଛି । ସେଇ ରାସ୍ତା ଉପରର ବାଲି ଉପରେ ରିକ୍‌ସା ଚକର ଦାଗ ପଡ଼ିଛି ଏ ପର୍ଯ୍ୟନ୍ତ ।

ଅଦମ୍ୟ ଉତ୍ସାହରେ ମହେଶ ଆଗେଇଗଲେ ସେଇ ବାଟରେ । ମଝିରେ ବାଲି ଅଡ଼େଇ ଦେଲାରୁ ଇଟାର ରାସ୍ତା ସ୍ପଷ୍ଟ ହୋଇ ଦେଖାଗଲା । ସେଇ ରାସ୍ତାରେ ରିକ୍‌ସା ଚକର ଦାଗକୁ ଅନୁସରଣ କରି ମହେଶ ଆବିଷ୍କାର କଲେ ରାସ୍ତା ଯେଉଁ ଅପ୍ରଶସ୍ତ ଗଳିରେ ମିଶି ଯାଇଛି, ସେଠି ବସ୍ତି ନାହିଁ । ଗୋଟାଏ ପାଖରେ ବାଲି ଉପର ଯାକ ପୋଲଙ୍ଗ ଗଛ ଗ୍ଲାଇ ରହିଛି, ଏବଂ ଆର

ପାଖର କିଛି ଦୂରରେ ସମୁଦ୍ର । ଖାଲି ଉକ୍‌ସାକୁ ଏଇବାଟେ ଟାଣିନବାକୁ ଦୁଏଠ ବିଶେଷ କଷ୍ଟକର ହୋଇନାହିଁ ବୋଲି ସ୍ପଷ୍ଟରେ ।

ଗଲମୃଣ୍ଡରର ପହଞ୍ଚି ମହେଶ କହିଲେ—ସାଧନା ନିଶ୍ଚୟ ଏଇଠିକୁ ଯା'ଆସ କରୁଥିଲେ ଯତୀନ୍ । ତମେ ଭାଲି ଠିକ ଦେଖିଚ ।

ଯତୀନ୍ ନିଜର ବାହାଦୁରୀରେ ଫୁଲିଉଠି କହିଲେ—ଏଇଠି କିନ୍ତୁ ସାଧନାକୁ ଭାଲି କାବୁ କରପାରିଥିଲେ ଆମକୁ କିଛି ତଥ୍ୟ ମିଳିଥାନ୍ତା ସାର୍ । ମୋର ଏତେ ସ୍ରତରେ ଓ ଏପରି ନିର୍ଜନତା ଭିତରେ ସେ ସାହସ ହେଲାନି ।

—ତମେ ଠିକ୍ କାମର ଲୋକ ଯତୀନ୍, ମହେଶ ଯତୀନ୍‌କୁ ଉତ୍ସାହିତ କରିବାକୁ କହିଲେ—ଏଇ କେଶ୍‌ର କିଛି କିନାରା ବାହାର କରିପାରିଲେ ତମକୁ କେହି ଅଟକାଇ ରଖି-ପାରିବେନି' । ଆପେ ଆପେ ତମେ ଉପରକୁ ଉଠିଯିବ ।

ଯତୀନ୍ ଉତ୍ସାହିତ ହୋଇ ନିଜର କାର୍ଯ୍ୟସାଧ ବୟାନ କରିଗଲେ—ମୁଁ ଉକ୍‌ସାବାଲାଟାକୁ ହାଜତରେ ଗୁଣ୍ଡି ସ୍ରତଭିତରେ ଏଇ ମଲକୋଠିର ଅନ୍ଧୁର୍ ସନ୍ଧାନ ନେବାକୁ ଯଥାସାଧ୍ୟ ଚେଷ୍ଟା କଲି । ମ୍ୟୁନିସିପାଲିଟିର ସୁଦର୍ଶନବାବୁଙ୍କ ଛଡ଼ା ସେ ବିଷୟରେ କେହି କିଛି କହିପାରିଲେ ନାହିଁ ।

ସୁଦର୍ଶନ ବାବୁ ! ଭ୍ରୂ କୁଞ୍ଚିତ କରି ମହେଶ ପଚାରିଲେ—ସେ ତ ମ୍ୟୁନିସିପାଲିଟି ଚେୟାରମ୍ୟାନ୍‌ଙ୍କୁ ଅନେକ ଦିନଠୁଁ ମଲେଣି ଯତୀନ୍ । କ'ଣ ବୁଝିଲ ତାଙ୍କଠୁଁ ?

ସେ ଗୋଟାଏ ଯୁଗର କଥା ଗପିଗଲେ ସାର୍ । ଦୀର୍ଘ କୋଡ଼ିଏ ବର୍ଷ ତଳର କଥା ନିଖୁଣ ଭାବରେ ମନେ ଥିବାପରି ସେ କହିଗଲେ ଏ ଘରର ସେତେବେଳେ ବାସିନ୍ଦା ଥିଲେ ବଙ୍ଗ ଦେଶର ଜଣେ ବ୍ରାହ୍ମଣ ଜମିଦାର ସୁରେଶ ଭଟ୍ଟାଚାର୍ଯ୍ୟ । ତାଙ୍କ ସ୍ତ୍ରୀଙ୍କ ନାଁ ଥିଲା 'ମଲୟା' । ମଲୟର ନାମକରଣ ବୋଧହୁଏ ତାଙ୍କ ସ୍ତ୍ରୀଙ୍କ ନାମରୁ । କାଳକ୍ରମେ ଏଇ ମଲୟାଙ୍କର ହଠାତ୍ ଅନ୍ତର୍ଦ୍ଧାନ ସୁରେଶଙ୍କୁ ଅଭିଭୂତ କରିପକାଇଲା । ସେତେବେଳେ ପୁରୀ ସହରରେ ଏଇ ବ୍ୟାପାର ନେଇ ଯଥେଷ୍ଟ ଚାଞ୍ଚଲ୍ୟ ଖେଳିଯାଇଥିଲା, ମାତ୍ର ପୋଲିସର ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ମଲୟାଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଶେଷରେ ପୋଲିସ ଅନୁମାନ କରିଥିଲେ ମଲୟାଙ୍କୁ ହତ୍ୟା କରାଯାଇଛି । ତା ପରେ ସୁରେଶ୍ ବାବୁ ଗୋଟିଏ ମେମ୍‌କୁ ବିବାହ କରିଥିଲେ । କହୁଛନ୍ତି ଏ ଘରେ ବେଶ୍ ଗହଳଚହଳ ବି ଜମି ଉଠିଥିଲା । ମଲୟାଙ୍କର ଏକମାତ୍ର ସନ୍ତାନ, ପୁଅଟି ମଧ୍ୟ ସେମାନଙ୍କ ସହିତ ରହୁଥିଲା । ପାଞ୍ଚବର୍ଷ ବିତିଗଲା ପରେ ହଠାତ୍ ଦିନେ ସଭିଙ୍କୁ ଦେଖାଗଲା ସୁରେଶବାବୁ ଓ ତାଙ୍କର ପତ୍ନୀ ଉଭୟେ ମୃତ ଅବସ୍ଥାରେ ଶଯ୍ୟା ଉପରେ ପଡ଼ି ରହିଛନ୍ତି । ଝଲକା ଝଲକା ରକ୍ତ ବାନ୍ତି ହୋଇ ପଡ଼ିରହିଛି ଘରର ଚଟାଣରେ । ଡାକ୍ତର ପରୀକ୍ଷା କରି କହିଲେ ସେମାନଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଛି ରକ୍ତଷ୍ଠୀବ ରୋଗରୁ । ଏଇ ଘଟଣା ପରେ ପରେ ମଲୟାଙ୍କର ପୁଅଟି ତାର ଆତ୍ମୀୟମାନଙ୍କ ପାଖକୁ ଚାଲିଗଲା । ପରିତ୍ୟକ୍ତ ହୋଇ ପଡ଼ିରହିଲା ମଲୟକୋଠି । ଲୋକେ ସେଥିରେ ରହିବା ଦୂରେ ଥାଉ, ସେବାଟେ ଯା'ଆସ କରିବାକୁ ଭୟ କଲେ । ଅନେକ ପ୍ରକାର ଭୟଙ୍କର ଗୁଜବ ଉଠିଲା ଲୋକମୁଖରେ ।

ମଲ୍ଲୀଆଙ୍କର ଅତୃପ୍ତ ଆତ୍ମା ସେ ଘରେ ଘୂରିବୁଲୁଛି ବୋଲି ସମସ୍ତେ ଭାବୁଥିଲେ । ଗଲା ବାରବର୍ଷ ଧରି ଘରଟିର ରକ୍ଷଣାବେକ୍ଷଣ କରିବା ଲୋକ ନଥାଇ, ତା ଉପରେ ମାଲିକାନା ଜାହିର କରିବାକୁ ପର୍ଯ୍ୟନ୍ତ କେହି ଆସିନାହାନ୍ତି ।

ସ୍ୱାପ୍ନଭୂତ ପରି ମହେଶ ଶୁଣିଗଲା ମଲ୍ଲୀକୋଠିର ଏଇ କରୁଣ ଇତିହାସ । ମଲ୍ଲୀଆ, ସୁରେଶ ଓ ତାଙ୍କର ସ୍ନେହଭାଗିନୀ ପତ୍ନୀଙ୍କର ରହସ୍ୟମୟ ମୃତ୍ୟୁ ଯେଉଁ ପୃଷ୍ଠଭୂମିରେ ହୋଇଥିଲା ଆଜି ଦୀର୍ଘ ପନ୍ଦରବର୍ଷର ବ୍ୟବଧାନ ପରେ ସେଇ କଳଙ୍କମୟ ମଲ୍ଲୀକୋଠି ହୁଏତ ସୁଚରିତାର ମୃତ୍ୟୁପାଇଁ ଯଥେଷ୍ଟ ସାହାଯ୍ୟ କରିଛି । ମଲ୍ଲୀକୋଠି ବାସ୍ତବିକ୍ ହୋଇଉଠିଛି କରୁଣ ମୃତ୍ୟୁର କ୍ରୀଡ଼ା ଭୂମି । ସମବେଦନାରେ ଭରିଗଲା ମହେଶର ମନ ।

ରିକ୍ସା ନମ୍ବର ତିନିଶ ଛୟାଳିଶ୍ । ହଠାତ୍ ବ୍ରେକକଲା ଯତୀନ୍ । ସାମନା ରାସ୍ତାରେ ଯାତ୍ରୀ ନେଇ ଛୁଟିଥିଲା ରିକ୍ସାଟା ଆଖି ମଳି ପୁଣି ଥରେ ଦେଖିଲା ଯତୀନ୍ ରିକ୍ସାର ନମ୍ବରକୁ । ତା ପରେ କ୍ଷିପ୍ର ବେଗରେ ଦଉଡ଼ାଇ ରିକ୍ସାଟାର ଗ୍ଳଡଟାକୁ ଧରିପକାଇ ସେ ପାଟିକରି ଉଠିଲା—ରୋକ ରିକ୍ସାବାଲା । ରିକ୍ସାଟା ବନ୍ଦହେବା ସାଙ୍ଗେ ସାଙ୍ଗେ ଯତୀନ୍ ପଚାରିଲା—ଏ ରିକ୍ସା କେବେଠୁଁ ଟାଣୁଚୁ ? ଯତୀନ୍‌ର ପୁଲିସ ପୋଷାକ ଓ ତର୍ଜନ ଗର୍ଜନ ଶୁଣି ରିକ୍ସାବାଲାଟା ବେଶ୍ ଭୟଭୀତ ହୋଇ ପଡ଼ିଥିଲା । ଥରିଲା ଗଳାରେ ସେ କହିଲା—ହଜୁର, ଆଗରୁ ପୁରୀରେ ରିକ୍ସା ଟାଣୁଥିଲି । ସୁରମା ପାଇଁ ଖେତ ଧନ୍ଦା ବୁଝିବାକୁ ଘରକୁ ଯାଇଥିଲି । କାଲିଠୁ ଘରୁ ଆସିଲିଣି । ଅଜ ବେଳ ପାଞ୍ଚ ଘଡ଼ିକ ରିକ୍ସା ଧରିଛି ।

—ଏ ଲୋକ୍‌ଟା ତୁ ଆଗରୁ ଜାଣୁଥିଲୁ ?

—ହଁ, ହଜୁର୍ ।

—ମାଲିକ ଘର କେଉଁଠି ? ଝିଅଟାକୁ ଡାକିଦେଇ ଆ, ଆମ ପାଖେ ।

ରଜ୍‌ସାହାଣ୍ଟା ନରେନ୍ଦ୍ରକୋଣରେ ଯେଉଁ ଘରଟା ଦେଖାଇଦେଲା ତାକୁ ଦେଖି ଯତୀନ୍ ଏକପ୍ରକାର ଚମକି ପଡ଼ିଲା । ଘରଟା ସୁଦର୍ଶନବାବୁଙ୍କର ଫାଟକକୁ ଲାଗିଛି । କାଲି ସତରେ ସୁଦର୍ଶନ ବାବୁଙ୍କଠାରୁ ମଲ୍ଲକୋଠିର ଇତିହାସ ସଂଗ୍ରହ କରିଥିଲା ସେ । ରଜ୍‌ସାହାଣ୍ଟକୁ ଥାନା ପାଖରେ ଅଟକାଇ ରଖି ମହେଶ ଓ ଯତୀନ୍ ଫେରିଆସିଲେ ସୁଦର୍ଶନଙ୍କ ଘରପାଖକୁ । ବୁଢ଼ୀଅଣି କାଲିପରି ଏ କେସ୍‌ରେ ସବୁଟା ଅଡ଼ୁଆ ଗଡ଼ୁଆ ହୋଇଯାଉଛି । ନୂଆ ନୂଆ ତଥ୍ୟର ସନ୍ଧାନ ମିଳୁଛି । ଯତୀନ୍ ସନ୍ଦେହ ଓ ଚିନ୍ତାରେ କହିଲା

ମୁଁ ଯାହାର କୂଳ କିନାରା କିଛି ପାଉନାହିଁ ସାର୍ ।

ଅନୁପ୍ରାଣିତ କଣ୍ଠରେ କହିଲା ମହେଶ୍—ମୁଁ ମଧ୍ୟ ସେଇଆ ଲକ୍ଷ୍ୟ କରୁଛି ଯତୀନ୍ । ସବୁଟା କେଳଙ୍କୁଦେଲା ଯେମିତି ଗୋଳମାଳିଆ ହୋଇଯାଉଛି । ତେବେ···ଟିକିଏ ରହିଯାଇ ଚିନ୍ତାକୁଳ ସ୍ୱରରେ ପଚାରିଲା ମହେଶ—ତମେ ସୁଦର୍ଶନବାବୁଙ୍କର ହାଇ ହେବିତ କିଛି ବୁଝିଥିଲ ଯତୀନ୍ ?

—ନାଁ ସାର······ଛୋଟ ଉତ୍ତରଟିଏ ଦେଇ ଯତୀନ୍ ବାଲୁବାଲୁ କରି ଚାହିଁ ରହିଲା ମହେଶର ମୁହଁକୁ । ମହେଶଠାରୁ ଆହୁରି କିଛି ଶୁଣିବାକୁ ସେ ଯେପରି ପ୍ରତୀକ୍ଷା କରୁଥିଲା ।

—ମୁଁ ତମଠାରୁ ସୁଦର୍ଶନଙ୍କ ନାଁଟା ଶୁଣି ବେଶ ସନ୍ଦିଗ୍ଧ ହୋଇପଡ଼ିଥିଲି ଯତୀନ୍ । ଦିନେ ଥାନାର ପୁରୁଣା କାଗଜପତ୍ର ଭିତରେ ମୁଁ ଏମିତି ଗୋଟାଏ ନାଁ ଦେଖିବାର ଖିଆଲ ହେଲା । ଆଜ ତମେ ଯେତେବେଳେ କହିଲ ସେ ଏଠାକାର ମ୍ୟୁନିସି-ପାଲିଟିର ଚେୟାରମ୍ୟାନ୍ ଥିଲେ ସେତେବେଳେ ମୋର ସେ ସଂକ୍ରାନ୍ତୀୟ ଘଟଣାଟା ଝାପ୍‌ସା ଭାବରେ ମନେ ପଡ଼ିଗଲା ।

ଜିଜ୍ଞାସୁ ଦୃଷ୍ଟିରେ ଯତୀନ୍ ମହେଶର ମୁହଁକୁ ଚାହିଁରହିଲା ।

ସେତେବେଳେ ସୁଦର୍ଶନବାବୁ ଜାଲ୍ ନୋଟ ତିଆରି ଓ କାରବାର କରୁଥିବାରେ ପରୋକ୍ଷ ଭାବରେ ସଂପୃକ୍ତ ଅଛନ୍ତି ବୋଲି ପୋଲିସ ଅନୁମାନ କରି ସୁଦର୍ଶନଙ୍କୁ ଗିରଫ୍ କରିଥିଲେ । ଦିନକୁ ଦିନ ତାଙ୍କର ସଂପତ୍ତି ଯେପରି ଭାବରେ ଓ ଯେତେ ଆକସ୍ମିକ ଭାବରେ ବଢ଼ିଚାଲିଥିଲା, ତା ତୁଳନାରେ ତାଙ୍କର ଉପାର୍ଜନ ଥିଲା ଅତି ନଗଣ୍ୟ...ଏପରି କ୍ଷେତ୍ରରେ ପୋଲିସର ସନ୍ଦେହ କରିବାର ଯଥେଷ୍ଟ କାରଣ ଥିଲା । ମାତ୍ର କୌଣସି ପ୍ରକାର ପ୍ରମାଣ ଅଭାବରୁ ସେ ନଜରବନ୍ଦୀରୁ ଖଲାସ ହୋଇଗଲେ ।

ଯତୀନ୍ ନିରାଶ ହୋଇ ପଡ଼ିଲା ଯେପରି । ସେ ମହେଶଠାରୁ ସୁଦର୍ଶନ ବିଷୟରେ ଅନ୍ୟ କିଛି ଚାଞ୍ଚଲ୍ୟକର ମାମଲା ଶୁଣିବାକୁ ଆଶା କରିଥିଲା ହୁଏତ । ଜଣକର ଘା ଅନ୍ୟ ଜଣେ ଦେଖି ନପାରିବାଟା ତ ଗୋଟାଏ ମାମୁଲି ଘଟଣା ସାର୍ ।

...ନାଁ, ଘଟଣାଟା ତମେ ଯାହା ଭାବୁଚ ସେତେ ମାମୁଲି ନୁହେଁ ଯତୀନ୍ । ମୋର ବର୍ତ୍ତମାନ ସୁଦର୍ଶନଙ୍କ ବିଷୟରେ ବେଶୀ କିଛି ଜାଣିବାର ଆଗ୍ରହ ବଢ଼ିଯାଇଚି । ହୁଏତ ଏଇ କେସ୍‌ଟାର ଅନୁସନ୍ଧାନ ଭିତରେ ମୁଁ ଯାହା ଖୋଜୁଚି, ତା ପାଇ ଯାଇପାରେ ।

—ଆପଣ କଣ ଭାବୁଛନ୍ତି ସାର୍, ଏ ମାମଲା ଭିତରେ ସୁଦର୍ଶନଙ୍କର କିଛି ହାତ ଅଛି ? ବେଶ୍ ଗୁରୁତ୍ୱ ଦେଇ ପଚାରିଲା ଯତୀନ୍ ।

—ଅପାତତଃ ସେପରି କିଛି କାରଣ ନଥିଲେ ମଧ୍ୟ, ସୁଦର୍ଶନଙ୍କର ଗତିବିଧିକୁ ଯେ ସନ୍ଦେହର ବାହାରେ ଏହା ମଧ୍ୟ ଠିକ୍‌ଭାବରେ କହି ହେବନି ଯତୀନ୍ । ବିଶେଷତଃ ମଲ୍ଲକୋଠିର ରହସ୍ୟ ସହିତ ସେ ଯେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଡ଼ିତ ଅଛନ୍ତି ଏହା ଭାବିବା ସ୍ୱାଭାବିକ । ଚିନ୍ତାକୁଳ କଣ୍ଠରେ କହିଲା ମହେଶ ।

ଯତୀନ୍ କହିଲା—ଅଡୁଆ ସୂତାରୁ କିନ୍ତୁ ଗୋଟି ଗୋଟି ହୋଇ ଖିଅ ବାହାରୁଛି ସାର୍···ମଲ୍ଲ କୋଠି ଭିତରୁ ମିଳିଥିବା ସେହି ଡ଼ାକ୍ତର ବହି କେତେଖଣ୍ଡ ସହିତ ପୋଷ୍ଟମର୍ଟମ ରିପୋର୍ଟରେ ଲେଖାଥିବା ଆର୍ସେନିକ୍ ପଏଜନ୍‌ର ଯେପରି ଘନିଷ୍ଠ ସମ୍ପର୍କ ରହିଛି ।

ମୁଣ୍ଡ ହଲେଇ ମହେଶ କହିଲା—ହଁ ଠିକ୍···ସୁଚରିତାଙ୍କୁ ଯେ କେହି ଜଣେ ଡ଼ାକ୍ତର ହତ୍ୟା କରିଛି ଏହା ନିଃସନ୍ଦେହ ।

ହତ୍ୟା ନୁହେଁ ସାର୍— ପ୍ରବଞ୍ଚନା କରିଛି ବୋଲି କହନ୍ତୁ—କଥା ଛଡ଼ାଇ ନେଇ କହିଲା ଯତୀନ୍ ।

ପ୍ରବଞ୍ଚନା ! ଟିକିଏ ଭାବିଲାପରେ କହିଲା ମହେଶ—ହଁ ତା' ହୋଇପାରେ କିନ୍ତୁ ଏ କେଶ୍‌ଟା ସତେ କି ଜାଲ ମେଲାଇ ଚାଲିଛି··· ସୁଦର୍ଶନ ଓ ସମରଙ୍କର ସାଧନା ଓ ରମେଶ ସହିତ କି ସମ୍ପର୍କ ! ପୁଣି ଏ ସମସ୍ତେ ମଲ୍ଲକୋଠି ସହିତ କିପରି ଓ କାହିଁକି ଜଡ଼ିତ ଏଥିର ଉତ୍ତର ନମିଳିଲା ଯାଏ ସୁଚରିତାର ମୃତ୍ୟୁର ପଛଭୂମି ଅସ୍ପଷ୍ଟ ହୋଇ ରହିବ ।

ମହେଶର ଦୀର୍ଘନିଶ୍ୱାସର ଅସହାୟତା ଭିତରେ ଯତୀନ୍ ଯେଉଁ ସଙ୍କେତ ଟିକକ ଖୋଜୁଥିଲା ତା' ଯେପରି ସେ ପାଇଗଲା ।

—୦—

# ଛଅ

ଅନ୍ଧାର ଭିତରେ ଧନର ଆଲୁଅ ଅସ୍ତେ ଅସ୍ତେ ମିଳେଇ ଯାଉଛି ଶଙ୍କିତା ନବବଧୂ ପରି । ପୁରୀ ସହରର ଏ ଅଞ୍ଚଳରେ ସନ୍ଧ୍ୟାର ନିର୍ଜନତାଟା ଯିତମତ ଅସହ୍ୟ ହୋଇ ଉଠେ ଛି···ବିଶେଷତଃ ନରେନ୍ଦ୍ର କୋଣର ରାସ୍ତା ଉପରେ ଲୋକ ଚଲାଚଲ ନାହିଁ କହିଲେ ଚଳେ ।

ଧୀର ପଦକ୍ଷେପରେ ଅନ୍ଧାରି ତଳ ମହଲର ପାହାଚ ଉଠି ଯତୀନ୍ ଉପର ମହଲର ଯେଉଁ ଘରଟି ସାମନାରେ ପହଞ୍ଚିଲ ସେଠି ଆତ୍ମଗୋପନ କରି ରହି ପାରିବାର ସାହାସ ହେଲନି ତା'ର । କୋଠରି ଭିତରେ ଜଳୁଥିବା ନୀଳ ଆଲୁଅର ପ୍ରକାଶ ଭିଏଲ୍ ପରଦା ଭେଦ କରି ବାହାରର ବାରଣ୍ଡାକୁ ବେଶ୍ ଆଲୋକ କରି ରଖିଛି । ଏକ ମିଷ୍ଟ ସୁରଭିର ଆମୋଦ ଆଚ୍ଛନ୍ନ କରି ରଖିଛି ଚାରିଆଡ଼େ । କେଉଁ ଦୂରରୁ କ୍ଷୀଣ ଭାବରେ ଭାସି ଆସୁଛି ନାରୀକଣ୍ଠର ଗୀତ ମୂର୍ଚ୍ଛନା । ତଳର ବିଭତ୍ସ ଅନ୍ଧକାର ସାଥିରେ ଏ ପରିବେଶର ଯୌଣସି ସମତା ନାହିଁ ବା ସଂଯୋଗ ନାହିଁ ଯେପରି । ଏଠି ଯେପରି କେଉଁ ଅଲକା ପୁରୀର ମାୟାଲୋକ ଭିତରେ ସୁଦର୍ଶନ ନିଜକୁ ହଜାଇ ଦେଇ ଭୁଲିଯାଇଛି ବାହାର ଦୁନିଆକୁ ।

ସନ୍ତର୍ପଣରେ ଯତୀନ୍ ପରଦା ଆଡେଇ ଘର ଭିତରକୁ ଚାହିଁଲ । ଆଶ୍ଚର୍ଯ୍ୟ !! କେହିହେଲେ ଜଣେ ଏ ଘରେ ନାହିଁ । ଅସ୍‌ବାବ୍ ପତ୍ରଠାରୁ

ଆରମ୍ଭ କରି ଅନ୍ୟାନ୍ୟ ସାଜସଜ୍ଜା, ଭିତରେ ଏକ ସଉକୁନି ମନର ନିପୁଣ ଅଭିବ୍ୟକ୍ତି ଯେତିକି ଫୁଟି ଦିଶୁଚି, ସେତିକି ।

ଘରର ତିନି କାନ୍ଥରେ ଦରଜା ଥିଲେ ମଧ୍ୟ ସବୁ ଗୁଡ଼ିକ ବନ୍ଦ... ହୁଏତ ଅନ୍ୟଘର ଗୁଡ଼ିକରେ ଆଲୁଅ ଜଳୁନାହିଁ । ନିରବଚ୍ଛିନ୍ନ ଭାବରେ ଭିତରୁ ସେଇ ନାରୀକଣ୍ଠର ଗୀତାଲାପ । ସୁଦର୍ଶନ କାହିଁ... କାହିଁ ବା ଏଇ ସୁରର ବୁଲ୍ ବୁଲ୍ କୋକିଳକଣ୍ଠୀ ନାରୀ ??

ଏମିତି ଏକୁଟିଆ ଚେୟାରପର ଠିଆହୋଇ ରହିବାଟା ଏକାନ୍ତ ଅସହ୍ୟ ହୋଇ ପଡ଼ିଲା ଯତୀନ୍‌ର । ଗୋଡ଼ଟିପି ସେ ଭିତରକୁ ପଶିଯିବା ମାତ୍ରେ ଗୀତ ମୂର୍ଚ୍ଛନା ହଠାତ୍ ବନ୍ଦ ହୋଇଗଲା ଏବଂ ସେ ନିଜକୁ ସଂଯତ କରିନବା ଭିତରେ ସାମନାର ଦରଜା ଖୋଲି ସୁଦର୍ଶନ ପଶି ଆସିଲେ ।

—ଆରେ, ବସ, ବସ । କିଛି ଅସୁବିଧା ହେଲନି ତ ଆସିବାକୁ, ତଲେ ରହିମତେ ଖବର ତ ପଠାଇ ପାରି ଥାଆନ୍ତ ଏକାନିହାକେ କହିଗଲେ ସୁଦର୍ଶନ ।

ଯତୀନ୍ ବସୁ ବସୁ କହିଲା—ତଲେ ଅନେକ ସମୟ ଅପେକ୍ଷା କରି କାହାର ଦେଖା ପାଇଲିନାହିଁ ଖବର ଦବାକୁ । ମୁଁ ବାସ୍ତବିକ ଦୁଃଖିତ ଆପଣଙ୍କୁ ଏପରି ସମୟରେ ବିରକ୍ତ କଲି ।

ସମୟ ! ବ୍ୟଙ୍ଗକଣ୍ଠରେ କହିଲେ ସୁଦର୍ଶନ...ସମୟର କୌଣସି ଜ୍ଞାନ ମୋର ନାହିଁ ରାଜୀବ ବାବୁ ।

କଥା ଛଡ଼ାଇନେଇ ଯତୀନ୍ କହିଲା—ରାଜୀବ ନୁହେଁ, ମୋ ନାଁ ଯତୀନ୍ ଆଜ୍ଞା—ଠିକ୍ ଠିକ୍ ହଁ ତେବେ ଯତୀନ୍ ବାବୁ, ମୁଁ ସମୟର କୌଣସି ହିସାବ ରଖେନାହିଁ । ତମେ ଆସିଚ ଖୁବ୍ ଭଲ କରିଚ—ବୁଢା ବୋଲି ସମସ୍ତେ ତ୍ୟାଗ କରିଚନ୍ତି...ହେଲେ ଅନ୍ଧକାର ରହିଛି ମୋର ବିଶ୍ୱସ୍ତ ସହଚର । ଏ ଆଲୁଅକୁ ମୁଁ ମୋଟେ ସହ୍ୟ କରିପାରେ ନି ଯତୀନ୍ ବାବୁ ।

—କିନ୍ତୁ ଏ ବୟସରେ ଏମିତି ନିଃସଙ୍ଗ ରହିବାଟାକୁ ମୁଁ ଭଲ ମନେ କରୁନି ସୁଦର୍ଶନ ବାବୁ । ଦେହପା ଦେଖିବାକୁ ଅନ୍ତତଃ ଜଣେଣି ଦଇଜଣ ଗୃକରବାକର ରଖିବା ଉଚିତ ।

ତା ଉଚିତ ନିଶ୍ଚୟ···କିନ୍ତୁ ମୋ ପରି ରୁକ୍ଷ, ନୀରସ ଲୋକ ପାଖେ କେହି ରହିବାକୁ ରାଜି ହେଲେ ତ !! ତେବେ—ହଠାତ୍ ଛେପ ଢୋକି ରହିଗଲେ ସୁଦର୍ଶନ । ଯତୀନ୍‌ର ହସକୁରା ମୁହଁକୁ ଦେଖି ସେ ଥତମତ ହୋଇଗଲେ ଯେପରି ।

ଯତୀନ୍ ଏପରି ଅବସ୍ଥା କଟାଇ ଦେବାକୁ କହିଲା—ମୁଁ ଆସିଲା ବେଳେ ତ କେହି ଜଣେ ସ୍ତ୍ରୀ ଲୋକ ଗୀତ ବୋଲୁଥିବାର ଶୁଣିଲି । ତେବେ ସେଇଟା ଆପଣଙ୍କର ଏକାନ୍ତ ଘରୋଇ ବ୍ୟାପାର ଟିକିଏ ରହିଯାଇ ଯତୀନ୍ କହିଲା—ଏ ବୟସରେ ସଙ୍ଗିନୀର ସାହଚର୍ଯ୍ୟ ଏଡ଼ି ହୁଏନା ସୁଦର୍ଶନ ବାବୁ । ଯତୀନ୍ ମୁହଁ ତଳକୁ ପୋତିଦେଲା ।

ସୁଦର୍ଶନ କ୍ଷଣକ ପାଇଁ ତୀକ୍ଷ୍ଣ ଭାବରେ ଯତୀନ୍‌କୁ ଚାହିଁଲେ—ତାପରେ ହୋ ହୋ ହୋଇ ହସିଉଠି କହିଲେ—ତମେ ଠକିଗଲ ଯତୀନ୍ ବାବୁ । କଞ୍ଚା ବୟସର ମନ ତ !!

ସ୍ୱପ୍ନରୁ ଉଠିଲା ପରି ମୁହଁଟେକି ଯତୀନ୍ କହିଲା—ଆଜ୍ଞା···

—ତମେ ଯେଉଁ ନାରୀର ସଙ୍ଗୀତ ଶୁଣୁଥିଲ ସେ ମୋର ଲୀଳା—ସଙ୍ଗିନୀ ନୁହେଁ ଯତୀନ୍ ବାବୁ; ସେ ମୋର ଜୀବନ ସଙ୍ଗିନୀ ପ୍ରିୟତମା ପତ୍ନୀ···ଶିତମତ ରୁକ୍ଷ ଭାବରେ କହିଲେ ସୁଦର୍ଶନ ।

ଲଜ୍ଜିତ ଭାବରେ ଯତୀନ୍ କହିଲା—ମତେ କ୍ଷମା କରିବେ ସାର୍, ଏସବୁ ଆପଣଙ୍କୁ କହି ମୁଁ ବଡ଼ ଭୁଲ୍ କରିଛି ।

ପୁଣି ଥରେ ହସିଉଠି ସୁଦର୍ଶନ କହିଲେ—ତମେ ବୁଦ୍ଧିମାନ୍ ଯତୀନ୍ ବାବୁ । କିନ୍ତୁ ଏଥିପାଇଁ ମୁଁ ଯେ ବୋକା ଏହା ତମେ ଧରି ନବନି । ପୋଲିସ ବିଭାଗ ବିଷୟରେ ମୋର ବଡ଼ ତିକ୍ତ ଅଭିଜ୍ଞତା

ରହିଛି । ପୋଲିସ ଅଫିସର ଥରେ ଯାହାକୁ ଭୁଲ ବୋଲି କ୍ଷମା ମାଗିନିଏ, ସେଇଥିରୁ ସନ୍ଦେହର ଖିଅଟାଣି ବେଶ୍ ଗୋଟାଏ ବଡ଼ ରୂପକଥା ସୃଷ୍ଟି କରେ । ହଉ, ଟିକିଏ ବସ, ମୁଁ ତମକୁ ଶୁଣଉଚି ।

ସୁଦର୍ଶନ ପାଖ ଦରଜା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ—ଯତୀନ୍‌ର ଛାତି ଦମକି ଉଠିଲା । ନିର୍ଜନ ଘରେ ସୁଦର୍ଶନର ହାତମୁଠା ଭିତରେ ଏକାକୀ ସେ—କିଛି ବିପଦ୍ ଘଟିଲେ ଜବାବ୍ ଦେବାକୁ କେହିନାହିଁ—ତାର ମଧ୍ୟ କୌଣସି ଆଶ୍ରୟ ନାହିଁ । ସୁଦର୍ଶନର ଭାବ, ଭଙ୍ଗୀ ଓ କଥା ଭାଷାରୁ ତାର ପ୍ରକୃତ ସ୍ୱରୂପ ଜାଣି ପାରିବା ବଡ଼ ମୁସ୍କିଲ ।

ଟିକକ ପରେ ଯତୀନ୍‌ର ଏପରି ସଶଙ୍କ ଭାବ କଟାଇ ଦେଇ ସୁଦର୍ଶନ ପୁଣି ଘର ଭିତରକୁ ପଶି ଆସିଲେ । ହାତରେ ତାଙ୍କର କେତେଖଣ୍ଡ ଟେପରେକର୍ଡ଼ର ଫିତା । ଯନ୍ତ୍ରରେ ଏଇ କେତୋଟି ଫିତାର ସଂଯୋଗ କଲାମାତ୍ରେ ନାରୀକଣ୍ଠର ସେଇ ତରଳ ଗୀତ ମୂର୍ଚ୍ଛନା ଧ୍ୱନିତ ହୋଇ ଉଠିଲା । ସାଧାରଣ ରେକର୍ଡ଼ ପରି ବାଦ୍ୟଯନ୍ତ୍ରର ଅର୍କେଷ୍ଟ୍ରା ନାହିଁ—ଅଥଚ ସୁଲଳିତ ସ୍ନିଗ୍ଧ ସଂଗୀତର ଉଚ୍ଛ୍ୱାସ ନିରାଡ଼ମ୍ବର ଓ ସହଜ ଭାବରେ ବହି ଚାଲିଚି ।

ଉଚ୍ଛ୍ୱସିତ ଭାବରେ କହି ଉଠିଲେ ସୁଦର୍ଶନ—ଶୁଣ ଶୁଣ ଯତୀନ୍ ବାବୁ, ମୋର ପ୍ରିୟତମା ପତ୍ନୀର ଏଇ ଦରଦ ଭରା ଗୀତ । ସେ ଚାଲିଯିବା ପରେ ତାର ଏଇତକ ସ୍ମୃତି ନେଇ ମୁଁ ବଞ୍ଚି ରହିଚି ।

—ଆପଣଙ୍କର ତାହେଲେ କଣ ସଂସାରରେ କେହି ନାହାନ୍ତି ସୁଦର୍ଶନ ବାବୁ ?

—ନାଁ…ନିଜର ବୋଲି କହିବାକୁ କେହି ଜଣେ ହେଲେ ନାହିଁ । ଦୀର୍ଘନିଶ୍ୱାସ ପକାଇ କହିଲେ ସୁଦର୍ଶନ ।

—ଆପଣଙ୍କର ଏଡ଼େ ବିରାଟ ସମ୍ପତ୍ତିର ଉତ୍ତରାଧିକାରୀ ତାହେଲେ କେହିନାହିଁ ? ଆପାତତଃ କେହି ନାହିଁ ଯତୀନ୍ ବାବୁ । ତେବେ

ଜୀବ ଥିଲାଯାଏ ଲୋଭତଅଛି । ହଠାତ୍ କଥା ବନ୍ଦକରି ନୀରବ ରହିଲେ ସୁଦର୍ଶନ ।

ଯତୀନ୍ ସୁଦର୍ଶନର ଏହି ଅର୍ଥପୂର୍ଣ୍ଣ କଥା ଭିତରର ରହସ୍ୟ ଖୋଜିବାକୁ ଚେଷ୍ଟା କରୁଥିଲା । ସୁଦର୍ଶନ ପୁଣିଥରେ ଆରମ୍ଭ କଲେ—ଆଜି କି କାମରେ ଆସିଥିଲେ କିଛି କହିଲେ ନାଁ ତ ଯତୀନ୍ ବାବୁ ?

—କଥା ନହସରେ ସତରେ ମୁଁ ମୋ କାମଟା ଏତେବେଳ ଯାଏ ଭୁଲି ଯାଇଥିଲି, କ୍ଷମା କରିବେ ଆଜ୍ଞା—ଛେପ ଢୋକି କହିଲା ଯତୀନ୍—କଥା କଣ କି ଆପଣଙ୍କର ଏଠାରେ କୌଣସି ଯାନବାହାନ ଅଛି କି ?

—ମୋର ରେକ୍ସା କେତେଖଣ୍ଡ ଛଡ଼ା ତ କୌଣସି ଯାନବାହାନ ନାହିଁ । କାହିଁକି କଣ ହୋଇଛି । ଭ୍ରୂକୁଞ୍ଚିତ କରି ପଚାରିଲେ ସୁଦର୍ଶନ ।

ତନିଶ ଛୟାଳିଶ ନମ୍ବର ରିକ୍ସାଟା ଆପଣଙ୍କର ତ ଆଜ୍ଞା ।

—କାହିଁକି, କଣ କିଛି ଦୁର୍ଘଟଣା ଘଟିଲା ନା କଣ ?

—ନାଁ, ସେମିତି କିଛି ନ ଘଟିଥିଲେ ମଧ୍ୟ ଗୋଟାଏ କେଶ୍‌ର ତଦନ୍ତ ନେଇ ଏ ରିକ୍ସାଟା ବିଷୟରେ କିଛି ଜାଣିବା ଦରକାର ପଡ଼ୁଛି । ଆପଣ ସୁଦର୍ଶନ ବାବୁ ୩୪୬ ନମ୍ବର ରିକ୍ସାଟା କାଲି କିଏ ଟାଣୁଥିଲା କହି ପାରିବେ । ସିଧା ସଳଖ ପଚାରିଲା ଯତୀନ୍ ।

ସୁଦର୍ଶନ ଟିକିଏ ହସି କହିଲେ—ସତ କହିବାକୁ ଗଲେ ମୋ ନାଁରେ ଏ ରିକ୍ସା ଗୁଡ଼ାକର ଲାଇସେନସ୍ ଥିଲେ ମଧ୍ୟ ମୁଁ କିଛି ଖବର ରଖେ ନାହିଁ । ବୁଢ଼ିବା ଲୋକ ମୋ ଘରକୁ ଲଗି ଯେଉଁ ଖପରଲି ଘରଟି ଅଛି ସେଥିରେ ଯେଉଁ ଲୋକଟି ରହେ, ସେ ରିକ୍ସା ଭଡ଼ାକୁ ଲଗାଏ, ଭଡ଼ା ପଇସା ମଧ୍ୟ ସେଇ ଅସୁଲ କରି ଚଳେ । ମୋର କୌଣସି ସମ୍ପର୍କ ନାହିଁ ।

—ସେ ଲୋକଟି କିଏ ସୁଦର୍ଶନ ବାବୁ । ବଡ ଅନୁଗ୍ରହ ଆପଣଙ୍କର ତା ଉପରେ । କନେଇ କନେଇ କହିଲା ଯତୀନ୍ ।

ଠିକ୍ ଅନୁଗ୍ରହ ନୁହେଁ ଯତୀନ୍ ବାବୁ ଗୋଟାଏ ମାୟା—ରଥିଆକୁ ଦଶବର୍ଷ ହେଲା ଦିନଠୁଁ ସେ ଏଇଠି ଅଛି । ବାପ ପାଖରେ ଥିଲା । ବାପ ତା ଦିହକଯାକ ଏଇଠି ମୋ ଘରେ କଟାଇଲା । ପୁରୁଣା ଗୁକର-ଗୋଟାଏ ମାୟା ଲାଗିଯାଇଛି ।

—ରଥିଆର ବାପ ଆପଣଙ୍କ ପାଖରେ ପୁଅକୁ ସମର୍ପି ନିଶ୍ଚିନ୍ତରେ ମରିପାରିଥିବ ସୁଦର୍ଶନ ବାବୁ ।

ବିଚରା !' ଅଭିଭୂତ କଣ୍ଠରେ କହିଲେ ସୁଦର୍ଶନ—ସେ ମଲାଣି କି କେଉଁଠି ବଞ୍ଚି ରହିଚି ତା କିଛି ହଦିଶ ନାହିଁ ଯତୀନ୍ ବାବୁ । ୨୦ ବର୍ଷ ତଳେ ଦଶବର୍ଷର ଏଇ ପିଲାଟିକୁ ଛାଡ଼ି ସେ ନିରୁଦ୍ଦେଶ ହୋଇଗଲା । ସେତେବେଳକୁ ବୟସ ତାର ଗୁଳିଶି ପାଖା ପାଖି । ଆମଘରେ ସେ ୧୬।୧୭-ବର୍ଷ ଦିନୁ ରହିଥିଲା —ଏମିତ ମାଁ ଛେଉଣ୍ଡ ପିଲାଟିକୁ ଛାଡ଼ି ଦେଇ ଗୁଲି ଯିବାରେ ତା'ର ଯେ କି ଉଦ୍ଦେଶ୍ୟ ଥିଲା ତା ସେଇ ଭଗବାନଙ୍କୁ ଜଣା । ଏ ପର୍ଯ୍ୟନ୍ତ ସେ ଆଉ ଫେରିନି ।

—ଏ କାହାଣୀ ମଲ୍‌କୋଠୀର କାହାଣୀଠାରୁ କୌଣସି ଗୁଣରେ କମ୍ କରୁଣ ନୁହେଁ, ସୁଦର୍ଶନ ବାବୁ । ସମବେଦନା ଭରି କଥାରେ କହିଲା ଯତୀନ୍ । ସୁଦର୍ଶନ ନିଳିପ୍ତ ଭାବରେ ଗୁହିଁ ରହିଲେ—ତାଙ୍କ ଆଖି ଭିତରେ କୌଣସି ଭାଷା ନଥିଲା । ଖାଲି ଭରି ରହିଥିଲା ଶୂନ୍ୟତା ଏକ ନିଷ୍ଫଳ ଜୀବନର ପରିତାପ ଯେପରି ତାଙ୍କ ମନ ଭିତର ହଲଚଲ କରିଦେଇଚି ।

ମୁଁ ତାହେଲେ ଆଜି ଏତିକିରେ ଯାଏ ସୁଦର୍ଶନ ବାବୁ ଆପଣଙ୍କର ଏ ଅମାୟିକତା ପାଇଁ ଧନ୍ୟବାଦ, ଚୌକି ଛାଡ଼ି ଉଠିପଡ଼ିଲା ଯତୀନ୍--

ଆପଣଙ୍କୁ ଏପରି ବିରକ୍ତ କଲି ବୋଲି କଷ୍ଟ ଭାବିବେ ନାହିଁ ।

ଦୁଆର ପର୍ଯ୍ୟନ୍ତ ଆଗେଇ ଦବାକୁ ଆସି ସୁଦର୍ଶନ କହିଲେ—ଆପଣ ପୋଲିସ ଅଫିସର ନ ହୋଇ ଜଣେ ସାଧାରଣ ଲୋକ ହୋଇଥିଲେ ମୁଁ ହୁଏତ ଅଧିକ ସହଜ ଭାବରେ ଗପି ପାରିଥାନ୍ତି ଯତୀନ୍‌ବାବୁ···ପୋଲିସର ନିର୍ବୋଧତା ଉପରେ ମୋର ଭୟଙ୍କର ରାଗ···ଏହା ବୋଲି ଆପଣ ଏ ଟିପ୍ପଣୀଟାକୁ ନିଜ ଦେହକୁ ଓଟାରିବେ ନାହିଁ ।

ଯତୀନ୍ ବିଦାୟ ନମସ୍କାର କରି ଆସିଲା ବେଳେ ସ୍ପଷ୍ଟ ଭାବରେ ଲକ୍ଷ କଲା ସୁଦର୍ଶନଙ୍କର ମୁହଁ ଉପରର କୁଟିଳ ଭ୍ରୂବଳିସବୁ···ମନେ ମନେ ଆଶ୍ଚର୍ଯ୍ୟ ହେଲେ ବି ସେ ସୁଦର୍ଶନଙ୍କୁ ଠିକ୍ ଧରିପାରିଲା ନାହିଁ ।

ଫାଟକ ପାରି ହୋଇ ସଦର ରାସ୍ତା ଉପରର ବହଳ ଅନ୍ଧାର ଭିତରେ ଠିଆ ହେଲା ଯତୀନ୍ । ସୁଦର୍ଶନଙ୍କ ଘରର ପାଚେରୀକୁ ଲଗିଥିବା ବଖୁରିକିଆ ଖପରଲି ଘରଟିର କବାଟ ଦରଆଉଜା ହୋଇଛି···ଘର ଭିତରେ ଜଳୁଥିବା ଆଲୁଅର କ୍ଷୀଣ ପ୍ରକାଶ କବାଟ ଫାଙ୍କ ଦେଇ ବାହାରକୁ ଦେଖାଯାଉଛି ।

ରଥିଆର ଘର ଓ ତାର ଏଇ ବଖରିକିଆ ଘରର ସଂସାର ! ! ମନେ ମନେ ହସି ଉଠିଲା ଯତୀନ୍ । ରଥିଆ କାହିଁକି ବଞ୍ଚିରହିଛି !-କେଉଁ ଆଶା ବାନ୍ଧି ସେ ଦିନ, ମାସ, ବର୍ଷ କଟାଇ ଚାଲିଛି ! ! ସୁଦର୍ଶନ ବଞ୍ଚିବାର ବଳ ବା କେଉଁଠୁ ପାଉଛି !!! ଅର୍ଥର ମାୟା, ଦଣ୍ଡ ଖାଇ ବଞ୍ଚି ରହିବାର ମମତା, କଣ ଏମାନଙ୍କ ପାଖରେ ସବୁ ??? ସ୍ନେହ, ପ୍ରୀତି ଛଡ଼ା କେମିତି ମଣିଷ ଏମିତି ବଞ୍ଚି ରହିପାରିବ ।

ଏ ମାନଙ୍କର ଜୀବନ ସତରେ ଗୋଟାଏ ପ୍ରହେଳିକା ।

ଧୀର ପଦକ୍ଷେପରେ ଯତୀନ୍ ଥାନା ଆଡ଼େ ଆଗେଇ ଗଲା ।

(କ୍ରମଶଃ)

ମୁଦ୍ରାକର:—କବିରାଜ ଶ୍ରୀ ରାମନାଥ ପାଢ଼ୀ ଶର୍ମା
ବିନାୟକ ପ୍ରେସ୍, ବ୍ରହ୍ମପୁର (ଗଞ୍ଜାମ)

ଅବସର ବିନୋଦ ଏବଂ ବୁଦ୍ଧିବୃତ୍ତିର ବିକାଶ ପାଇଁ
ଏକମାତ୍ର ରହସ୍ୟ-ରୋମାଞ୍ଚ-ପତ୍ରିକା
"ଗୁପ୍ତଚର"

ବାର୍ଷିକ ମୂଲ୍ୟ — ଟ ୭. ୫୦ ନୂ: ପ:
ଷଣ୍ମାସିକ — ଟ ୪୯
ପ୍ରତିସଂଖ୍ୟା — ଟ୦ ୭୫ ନୂ: ପ:

ପରିବେଷକ—

ଗୁପ୍ତଚର କାର୍ଯ୍ୟାଳୟ,
ବ୍ରହ୍ମପୁର (ଗଞ୍ଜାମ)